୨୦୨୩ ଆଇ ଏନ ଏସ ସି ୬୧୯

**ରିପୋର୍ଟଯୋଗ୍ୟ**

# ଭାରତର ସର୍ବୋଚ୍ଚ ନ୍ୟାୟାଳୟ

## ଦେୱାନୀ ଆବେଦନ ଅଧିକାରିତା

## ଦେୱାନୀ ଆବେଦନ ସଂଖ୍ୟା ୮୦୭୨/୨୦୧୦

**ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ** ... **ଆବେଦନକାରୀମାନେ**

*ବନାମ*

**ଲକ୍ଷ୍ମୀ ନାରାୟଣ ଦାସ (ମୃତ) ଦାୟାଦମାନଙ୍କ ମାଧ୍ୟମରେ ଏବଂ ଅନ୍ୟମାନେ** ... **ଉତ୍ତରଦାତାମାନେ**

## ରାୟ

**ରାଜେଶ ବିନ୍ଦଲ, ନ୍ୟାୟମୂର୍ତ୍ତି**

୧ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ ଆବେଦନ ସଂଖ୍ୟା ୧୦୮/୨୦୦୯ ରେ ତା ୩୦ ଅକ୍ଟୋବର ୨୦୦୯ ରିଖରେ ପାରିତ ହୋଇଥିବା ଏକ ଆଦେଶକୁ ବର୍ତ୍ତମାନର ଆବେଦନରେ ଆପତ୍ତି କରାଯାଇଛି । ଉପରୋକ୍ତ ଆଦେଶ ଦ୍ୱାରା, ଡବ୍ଲୁ. ପି. (ସି) ସଂଖ୍ୟା ୯୦୬୯ / ୨୦୦୮ ରେ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ତା ୨୧.୧୧.୨୦୦୮ ରିଖ ଆଦେଶକୁ ପାଲଟାଇ ଦିଆଯାଇଥିଲା ।

**ବିଷୟ-ତଥ୍ୟ**

୨. ସଂକ୍ଷେପରେ ନଥିରେ ଉପଲବ୍ଧ ମାମଲାର ତଥ୍ୟ ହେଉଛି ଯେ ଦାୟାଦ, ସତ୍ୟନାରାୟଣ ଦାସ, ବୀରେଞ୍ଚି ନାରାୟଣ ଦାସ (ଏଠାରେ ପ୍ରତିବାଦୀ) ଙ୍କ ମାଧ୍ୟମରେ ଲକ୍ଷ୍ମୀ ନାରାୟଣ ଦାସ (ମୃତ) ଙ୍କ ଦ୍ୱାରା ବନ୍ଦୋବସ୍ତ ଅପିଲ ସଂଖ୍ୟା ୫୩୭ / ୯୦ ରେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା

ପାରିତ ତା ୦୧.୦୩.୧୯୯୦ ରିଖର ଆଦେଶ ବିରୋଧରେ ୨୭.୦୬.୨୦୦୮ ରେ ଏକ ରିଟ ଆବେଦନ ଦାୟର କରାଯାଇଥିଲା । ଆକ୍ଷେପିତ ଆଦେଶ ପାରିତ ହେବାର ୧୮ ବର୍ଷରୁ ଅଧିକ ସମୟ ପରେ ଏହି ରିଟ ଆବେଦନ ଦାଖଲ କରାଯାଇଥିଲା । ଅଭିଯୋଗ ଉଠାଯାଇଥିଲା ଯେ ବନ୍ଦୋବସ୍ତ ସମୟରେ ରିଟ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆପତ୍ତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚାର କରାଯାଇ ନଥିଲା ଏବଂ ଜମିଟି ସାଧାରଣ ପ୍ରଶାସନ ବିଭାଗ (ଜି ଏ ଡି) ନାମରେ ଅଭିଲିଖିତ କରାଯାଇଥିଲା । ରିଟ ଆବେଦନକାରୀମାନଙ୍କୁ ଜି ଏ ଡି ରେ ନିବେଦନପତ୍ର ଦାଖଲ କରିବାକୁ ସ୍ୱାଧୀନତା ପ୍ରଦାନ କରାଯାଇଥିଲା । ଅଭିଯୋଗ ଥିଲା ଯେ ଏହି ଆବେଦନ ଦାଖଲ କରାଯାଇଥିଲା, ଅଥଚ ଏହା ଉପରେ ନିଷ୍ପତ୍ତି ନିଆଯାଇ ନାହିଁ । ଶ୍ରୀମାନ ଓକିଲଙ୍କର ରାଜ୍ୟ ପକ୍ଷରେ ନିଆଯାଇଥିବା ସମର୍ଥନ ମଧ୍ୟ ଲିପିବଦ୍ଧ କରାଯାଇଥିଲା ଯେ ଯେତେବେଳେ ଚୂଡ଼ାନ୍ତ ଅଧିକାରର ଅଭିଲେଖ ପ୍ରକାଶିତ ହୋଇଥିଲା, ଓଡ଼ିଶା ଜରିବ ଓ ବନ୍ଦୋବସ୍ତ ଅଧିନିୟମ ୧୯୫୮ (ସଂକ୍ଷେପରେ, '୧୯୫୮ ଅଧିନିୟମ') ର ଧାରା ୧୫(b) ଅନୁଯାୟୀ ଉପଯୁକ୍ତ ପୁନଃ ନିରୀକ୍ଷଣ ଆବେଦନ ଦାଖଲ କରିବାକୁ ରିଟ ଆବେଦନକାରୀଙ୍କ ପାଇଁ ଏହା ଉନ୍ମୁକ୍ତ ଥିଲା । ତାହା ମଧ୍ୟ ଦାଖଲ କରାଯାଇ ନଥିଲା । ରିଟ ଅଧିକାରିତା କ୍ଷେତ୍ରରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ନାହିଁ । ପୁନଶ୍ଚ ଉପସ୍ଥାପନ କରାଯାଇଥିଲା ଯେ ରିଟ ଆବେଦନରେ ଉଲ୍ଲେଖିତ କରାଯାଇଥିବା ଆଦେଶରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଅବଲୋକନ କରାଯାଇଥିଲା ଯେ ଆବେଦନକାରୀମାନେ ଚୂଡ଼ାନ୍ତ ଅଭିଲେଖ ବିରୁଦ୍ଧରେ ଜି ଏ ଡି କୁ ନିବେଦନପତ୍ର ଦେଇପାରିବେ, ଯଦି ଏହିପରି ପରାମର୍ଶ ଦିଆଯାଏ । ରିଟ ଆବେଦନକୁ ଖାରଜ କରିଦିଆଯାଇଥିଲା । ଏତଦ୍ ଦ୍ୱାରା କ୍ଷୁବ୍ଧ ହୋଇ, ପ୍ରତିବାଦୀମାନଙ୍କ ଦ୍ୱାରା ଏକ ଅନ୍ତଃ ଅଦାଲତ ଆବେଦନ ଦାଖଲ କରାଯାଇଥିଲା । ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଭିନ୍ନ ଦିଗରେ ନିଆଯାଇଥିଲା । ବାସ୍ତବରେ, ଖଣ୍ଡପୀଠ ଦ୍ୱାରା କରାଯାଇଥିବା ଅବଲୋକନମତେ ଅଧିକାର ଅଭିଲେଖକୁ, ଯାହା ବହୁ ପୂର୍ବରୁ ୧୯୬୨ ମସିହାରେ ପ୍ରସ୍ତୁତ

କରାଯାଇଥିଲା, ରଦ୍ଦ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ନିବେଦନପତ୍ରକୁ ବିଚାର କରିବା ଏବଂ ସେମାନଙ୍କ ସ୍ତିତିବାନ/ସ୍ଥିତିବାନ ଜମି[1] ବିନିମୟରେ ସେମାନଙ୍କୁ ଏକ ଉପଯୁକ୍ତ ପ୍ଲଟ୍ ଆବଣ୍ଟନ କରିବା ପାଇଁ ଏହି ନିର୍ଦ୍ଦେଶ ଦିଆଯାଇଥିଲା । ଉପରୋକ୍ତ ଆଦେଶଟିକୁ ହିଁ ରାଜ୍ୟ ଆକ୍ଷେପିତ କରିଛି ।

## ଯୁକ୍ତିସମୂହ

୩. ରାଜ୍ୟ ପକ୍ଷର ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ଏହି ମାମଲାଟିରେ ଥିବା ଅଧିକାର ଅଭିଲେଖ ବହୁପୂର୍ବେ ୧୯୬୨ ମସିହାରେ ଚୂଡ଼ାନ୍ତ ହୋଇଥିଲା । ସେହି ସମୟରେ ଏହି ଜମି କାହା ଦଖଲରେ ନଥିଲା, ବରଂ ସେହି ଜମି ଜଙ୍ଗଲି ବୁଦାରେ ଭରିରହିଥିଲା । ଜମି ମାଲିକମାନେ କୌଣସି ଆପତ୍ତି ଉଠାଇନଥିଲେ । ଏହି ଆବେଦନ ୧୯୯୦ ମସିହାରେ ଦାୟର କରାଯାଇଥିଲା, ଯାହାକୁ ୦୧.୦୩.୧୯୯୦ ରେ ଫଏସଲା କରାଯାଇଥିଲା । ଯେହେତୁ ଏହା ଦାବି କରାଯାଇଥିଲା ଯେ ଏହି ଜମିଟି ସ୍ଥିତିବାନ ଜମି ଥିଲା, ତେଣୁ ଏହା ଦେଖାଗଲା ଯେ ଜି ଏ ଡି ନିକଟରେ ସେହି ଦାବି କରାଯାଇପାରିଥାନ୍ତା । ତଦନୁସାରେ, ଆବେଦନକାରୀଙ୍କ ନାମରେ ଉଲ୍ଲେଖ ସମ୍ଭବ ନଥିଲା । ଉପରୋକ୍ତ ଆଦେଶ ପାରିତ ହେବା ପରେ, ଉତ୍ତରଦାତାମାନେ ନୀରବ ରହିଲେ । ଘୋଷଣା ପାଇଁ ୨୦୦୩ ମସିହାରେ ଏକ ଦେୱାନୀ ମକଦ୍ଦମା ଦାୟର କରାଯାଇଥିଲା । ଏଥିରେ ଦାବି କରାଯାଇଥିଲା ଯେ ଜମିର ୦.୬୦୧ ଡେସିମିଲ ଅଂଶ ଭାରତୀୟ ରିଜର୍ଭ ବ୍ୟାଙ୍କ (ସଂକ୍ଷେପରେ, 'ଆର ବି ଆଇ') ର ଦଖଲରେ ଥିଲା ଯେଉଁଠାରେ କର୍ମଚାରୀମାନଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଇଥିଲା । ଜି ଏ ଡି ଦ୍ୱାରା ଏହାର ଆବଣ୍ଟନ କାରଣରୁ ଏହା ହୋଇଥିଲା । ତେବେ ସେ ଯାହା ହେଉ, ଶେଷରେ ଏହି ମକଦ୍ଦମାରେ ଯେଉଁ ପ୍ରତିକାର ଲୋଡ଼ା ଯାଇଥିଲା, ତାହା ହେଲା,

[1] 'ସ୍ତିତିବାନ୍ / ସ୍ଥିତିବାନ୍' ଅଭିବ୍ୟକ୍ତିଟି ଜଣେ ରୟତ (ଯଥା, ଜଣେ କୃଷକ) ଙ୍କ ସ୍ଥିତିବାନ ରୟତ କିମ୍ବା ବାସସ୍ଥଳୀର ସ୍ଥିତିକୁ ସୂଚିତ କରେ । ଅବଦୁଲ୍ଲା କବୀର ବନାମ ମହମ୍ମଦ ନାସିରୁଦ୍ଦିନ, (୧୯୮୯) ୨ ଏସ ସି ସି ୩୬୧ ଦେଖନ୍ତୁ । ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମ, ୧୯୬୨ର ଧାରା ୩ (୩) (d) ଏବଂ ଓଡ଼ିଶା ଭୂ-ସଂସ୍କାର ଅଧିନିୟମ, ୧୯୬୦ ର ଧାରା ୨ (୨୬) ଅନୁଯାୟୀ 'ରୟତ' ଅଭିବ୍ୟକ୍ତିର ସଂଜ୍ଞା ଏପରି ଜଣେ ବ୍ୟକ୍ତିକୁ ବୁଝାଉଛି ଯିଏ ମୁଖ୍ୟତଃ ଚାଷ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରନ୍ତି ।

ଏହି ମକଦ୍ଦମାରେ ବାଦୀମାନେ, ଯେଉଁମାନେ ଏଠାରେ ଉତ୍ତରଦାତା ଅଟନ୍ତି, ସେମାନେ ଜମି ଉପରେ ପ୍ରତିକୂଳ ଦଖଲପୂର୍ବକ ମାଲିକ ହୋଇଥିଲେ, ଯାହା ମକଦ୍ଦମା ସହ ସଂଯୁକ୍ତ ଅନୁସୂଚୀ 'ଖ' ରେ ଉଲ୍ଲେଖ କରାଯାଇଛି ଏବଂ ପୁନଶ୍ଚ ଏକ ଘୋଷଣା ଲୋଡ଼ା ଯାଇଥିଲା ଯେ ଅନୁସୂଚୀ 'କ' ରେ ଉଲ୍ଲେଖ କରାଯାଇଥିବା ଜମିର ମାଲିକ ହେଉଛନ୍ତି ସେମାନେ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ଆବଶ୍ୟକ । ଏଥିରେ ସେହି ଜମି ଅନ୍ତର୍ଭୁକ୍ତ ଥିଲା ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ମଞ୍ଜୁର କରାଯାଇଥିଲା ଏବଂ ଯେଉଁଥିରେ କର୍ମଚାରୀମାନଙ୍କର ବାସଗୃହ ପୂର୍ବରୁ ନିର୍ମାଣ ହୋଇସାରିଥିଲା । ୨୮.୦୭.୨୦୦୭ ରେ ଉତ୍ତରଦାତାମାନେ ଉପରୋକ୍ତ ମକଦ୍ଦମା ପ୍ରତ୍ୟାହାର କରିନେଇଥିବା କାରଣରୁ ଏହାକୁ ଖାରଜ କରି ଦିଆଯାଇଥିଲା । ନୂଆ ମକଦ୍ଦମା ଦାୟର କରିବା ପାଇଁ ଅନୁମତି ଲୋଡ଼ା ଯାଇଥିଲା । ତେବେ ନ୍ୟାୟାଳୟ ଏହାକୁ ବିନିର୍ଦ୍ଦିଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ ।

୪. ଏହା ପରେ, ପ୍ରତିବାଦୀମାନେ ୨୦୦୮ ରେ ଉଚ୍ଚ ନ୍ୟାୟାଳୟରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇଥିବା ଜମିକୁ ରିଟ ଆବେଦନକାରୀଙ୍କ ନାମରେ ଅଭିଲିଖିତ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରି, ଏକ ରିଟ ଆବେଦନ ଦାଖଲ କରିଥିଲେ । ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟନ କରାଯାଇଥିଲା ତାହା ୦.୫୧୮ ଡେସିମିଲ ଥିଲା ଏବଂ ଅନ୍ୟଜଣଙ୍କୁ ଆବଣ୍ଟିତ ହୋଇଥିବା ଜମି ୦.୦୮୩ ଡେସିମିଲର ଥିଲା ଯାହା ଜୟଦେବ ବିହାର ମୌଜାର ଯଥାକ୍ରମେ ପ୍ଲଟ ସଂଖ୍ୟା ୧୫୦୬ ଏବଂ ୧୫୦୭ (ପି) ରୁ କରାଯାଇଥିଲା । ଏକ ନିର୍ଦ୍ଦେଶ ପାଇଁ ମଧ୍ୟ ଯାଚନା କରାଯାଇଥିଲା ଯେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ତା ୦୧.୦୩.୧୯୯୦ ରିଖ ଆଦେଶ ଅନୁସାରେ, ଏକ ସମପରିମାଣ ବିକଳ୍ପ ଜମି ଆବଣ୍ଟନ ପାଇଁ କରାଯାଇଥିବା ଆବେଦନକାରୀଙ୍କ ଦାବିଟିକୁ ବିଚାର କରାଯାଉ । ପୂର୍ବରୁ ରିଟ ଆବେଦନକାରୀଙ୍କ ଦଖଲରେ ଥିବା ଜୟଦେବ ବିହାର ମୌଜାସ୍ଥିତ ଜମି, ପ୍ଲଟ ସଂଖ୍ୟା ୧୪୭୪(ପି) କୁ ବିଚାର କରାଯାଇ ପ୍ରତିବଦଳରେ ଆବଣ୍ଟନ କରାଯାଉ । ରିଟ ଆବେଦନ ଦାଖଲ

କରିବା ସମୟରେ, ରିଟ ଆବେଦନକାରୀମାନେ ସମ ଉପଶମ ପାଇଁ ପ୍ରାର୍ଥନା କରି ସେମାନଙ୍କ ଦ୍ଵାରା ଦାୟର ହୋଇଥିବା ଦେୱାନୀ ମକଦ୍ଦମା, ଯାହାକୁ ଏକ ନୂତନ ମକଦ୍ଦମା ଦାୟର କରିବାର ସ୍ଵାଧୀନତା ଦିଆଯିବା ବିନା ପ୍ରତ୍ୟାହାର କରାଯାଇଥିବା କାରଣରୁ ଖାରଜ କରାଯାଇଥିଲା, ସେ ନେଇ ନୀରବ ଥିଲେ, ଆଉ ରିଟ ଆବେଦନ ଉପରେ କ 'ଣ କୁହାଯିବ ।

୫. ଆବେଦନକାରୀଙ୍କ ପକ୍ଷର ଶ୍ରୀମାନ ଓକିଲ ଆହୁରି ଯୁକ୍ତି କରିଥିଲେ ଯେ ଏକକ ଖଣ୍ଡପୀଠ ଦ୍ଵାରା ରିଟ ଆବେଦନକୁ ସମାପ୍ତ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ବନ୍ଦୋବସ୍ତ ଅଧିକାରୀଙ୍କ ଆଦେଶରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ନାହିଁ, ଏବଂ ଯଦି ଆବେଦନକାରୀଙ୍କର କୌଣସି ଅଭିଯୋଗ ଥାଏ, ତେବେ ସେ ଚୂଡ଼ାନ୍ତ ଅଧିକାର-ଅଭିଲେଖ ବିରୁଦ୍ଧରେ ଉପଯୁକ୍ତ ପଦକ୍ଷେପ ନେଇପାରିବେ ଯାହା ବହୁ ପୂର୍ବରୁ ୧୯୬୨ ମସିହାରେ ପ୍ରସ୍ତୁତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଉତ୍ତରଦାତାମାନଙ୍କର ଅଧିକୃତ ଆରୋପିତ ସ୍ଥିତିବାନ ଜମି ବଦଳରେ ଏକ ବିକଳ୍ପ ଜମି ଆବଣ୍ଟନ ପାଇଁ ନିର୍ଦ୍ଦେଶ ଜାରି କରି ଭୁଲ କରିଥିଲେ, ଯେତେବେଳେ କି ଉତ୍ତରଦାତାମାନଙ୍କ ଅଧିକାର ପ୍ରତିଷ୍ଠା କରାଯିବାକୁ ଥିଲା ।

୬. ଅଧିକାର-ଅଭିଲେଖ ୧୯୬୨ ମସିହାରେ ପ୍ରସ୍ତୁତ କରାଯାଇଥିଲା ଏବଂ ଏଥି ପ୍ରତି କୌଣସି ଆପତ୍ତି ନଥିଲା । ପ୍ରଥମଥର ପାଇଁ, ଉତ୍ତରଦାତାମାନେ ୧୯୯୦ ମସିହାରେ ଏକ ଆବେଦନ ଦାଖଲ କରିଥିଲେ ଯାହାକୁ ୦୧.୦୩.୧୯୯୦ ରେ ସମାପ୍ତ କରାଯାଇଥିଲା । ଏହା ପରେ, ଉତ୍ତରଦାତାମାନେ ମକଦ୍ଦମା ଦାୟର କରିବା ପୂର୍ବରୁ ୧୩ ବର୍ଷରୁ ଅଧିକ ସମୟ ଧରି ଚୁପ୍ ରହିଥିଲେ । ନୂତନ ମକଦ୍ଦମା ଦାୟର କରିବା ପାଇଁ କୌଣସି ସ୍ଵାଧୀନତା ଦିଆ ନ ଯାଇ ୨୮.୦୭.୨୦୦୭ ରେ ଏହାକୁ ପ୍ରତ୍ୟାହାର କରାଯାଇଥିବା ହେତୁ ଖାରଜ କରାଯିବା ପରେ, ସେହି ସମ ପ୍ରକାର ଉପଶମ ଦାବି କରି ଜୁନ୍ ୨୦୦୮ ରେ ରିଟ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଉତ୍ତରଦାତାମାନଙ୍କୁ ଉପଶମ ମଞ୍ଜୁର କରିବା ସମୟରେ

ପରୋକ୍ଷରେ ଅଧିକାର-ଅଭିଲେଖକୁ ଖାରଜ କରିଦେଇଛନ୍ତି ଯାହାକୁ ରିଟ ଆବେଦନରେ ବିନା କୌଣସି ଆପତ୍ତି ଥାଇ ବହୁ ପୂର୍ବରୁ ୧୯୬୨ ମସିହାରେ ପ୍ରସ୍ତୁତ କରାଯାଇଥିଲା । ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ପାରିତ ହୋଇଥିବା ଆଦେଶ ସେହି ସୀମା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବେଆଇନ । ଅଧିକାର-ଅଭିଲେଖକୁ ସଂଶୋଧନ ନ କଲେ, ଉତ୍ତରଦାତାମାନଙ୍କୁ କୌଣସି ଅଧିକାର ମିଳିପାରିବ ନାହିଁ । ବାସ୍ତବରେ, ଉତ୍ତରଦାତାମାନେ ଏକ ବିଳାସପୂର୍ଣ୍ଣ ମକଦ୍ଦମା ଲଢୁଥିଲେ ।

୭. ଏହା ଉତ୍ତରଦାତାମାନେ ନିଜେ ସ୍ୱୀକାର କରିଥିବା ଏକ ମାମଲା ଯେ ସେମାନେ ପ୍ଲଟ ସଂଖ୍ୟା ୧୫୦୬ ରୁ କିଛି ଅଂଶର ଦଖଲରେ ଅଛନ୍ତି, ଯାହାର କିଛି ଅଂଶ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟନ କରାଯାଇଥିଲା । ଯାହାର ଅର୍ଥ, ସେମାନେ ଅଧିକାର-ଅଭିଲେଖ ପ୍ରସ୍ତୁତ ହେବା ସମୟଠାରୁ ଯାହାକିଛି ବିକାଶ ଘଟୁଥିଲା ସେ ବିଷୟରେ ଅବଗତ ଥିଲେ । ଯେ କୌଣସି ସ୍ଥଳେ, ସେମାନେ ବନ୍ଦୋବସ୍ତ ଆବେଦନ ଏବଂ ତା' ପରେ ଦେୱାନୀ ମକଦ୍ଦମା ଏବଂ ରିଟ ଆବେଦନ ଦାୟର କରିଥିବା ମନା କରିପାରିବେ ନାହିଁ । ବାସ୍ତବିକ, ଏହା ଏକ ବିଚାରପୀଠ ଅନୁଧାବନର ମାମଲା । ଯଦି ଉତ୍ତରଦାତାମାନଙ୍କର କୌଣସି ଅଭିଯୋଗ ଥିଲା, ଅଧିକାର-ଅଭିଲେଖକୁ ଚୂଡ଼ାନ୍ତ ଭାବେ ସମ୍ପୂର୍ଣ୍ଣ କରିବା ବିରୋଧରେ ଉପଯୁକ୍ତ ପ୍ରତିକାର ପାଇଁ ଉପଯୋଗ ନ କରି, ସେମାନେ ଦୀର୍ଘ ଦଶନ୍ଧି ଧରି ଚୁପ୍ ରହିଥିଲେ, ତେଣୁ ସେମାନଙ୍କ ପାଇଁ ଏହି ପର୍ଯ୍ୟାୟରେ କୌଣସି ଉପଶମ ବିଚାରଯୋଗ୍ୟ ହେବ ନାହିଁ ।

୮. ଏହା ମଧ୍ୟ ଉପସ୍ଥାପନ କରାଯାଇଥିଲା ଯେ ଏପରିକି ଏହା ବିରୁଦ୍ଧରେ ଦାଖଲ ହୋଇଥିବା ଆବେଦନରେ ମଧ୍ୟ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ଆଦେଶରେ, ଉତ୍ତରଦାତାମାନଙ୍କ ଦ୍ୱାରା ଦାୟର କରାଯାଇଥିବା ଦେୱାନୀ ମକଦ୍ଦମାର ତଥା ଏହାକୁ ପ୍ରତ୍ୟାହାର କରିଥିବାର କୌଣସି ଉଲ୍ଲେଖ ନଥିଲା । ନ୍ୟାୟାଳୟରେ ଶୁଣାଣି ସମୟରେ ହିଁ ଏହା ଜଣାପଡ଼ିଥିଲା ଯେ ଉତ୍ତରଦାତାମାନଙ୍କ ଦ୍ୱାରା ଏକ ଦେୱାନୀ ମକଦ୍ଦମା ଦାୟର କରାଯାଇଥିଲା । ତେବେ ଯାହା

ହେଉ, ଏହି ତଥ୍ୟକୁ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଉପଯୁକ୍ତ ଗୁରୁତ୍ୱ ଦିଆଯାଇ ନଥିଲା ଏବଂ ଏହାକୁ ତୁଚ୍ଛ ମଣି ଗ୍ରାହ୍ୟ କରାଯାଇନଥିଲା । ଅନ୍ୟଥା, ସେମାନେ ସମପ୍ରକାର ଉପଶମ ଦାବି କରି ଦେୱାନୀ ମକଦ୍ଦମା କିମ୍ବା ରିଟ ଆବେଦନ ଦାଖଲ କରିପାରିନଥାନ୍ତେ ନାହିଁ । ଯଦିଓ ଉତ୍ତରଦାତାମାନେ ଦାବି କରିବାକୁ ଚାହୁଁଥିଲେ ଯେ ଏହି ମାମଲା ସରକାରଙ୍କର ପାଖରେ ବିଚାରଧୀନ ରହିଥିଲା ଏବଂ ଆପୋଷ ବୁଝାମଣା ହେବାର ସମ୍ଭାବନା ରହିଥିବା ଯୋଗୁଁ ମକଦ୍ଦମା ପ୍ରତ୍ୟାହାର କରିନେବାର ଏକ କାରଣ ଥିଲା । ତେବେ, ମାନ୍ୟବର ଦେୱାନୀ ବିଚାରପତି କୌଣସି କାରଣ ଉଲ୍ଲେଖ କରିନଥିଲେ ଯେହେତୁ ସେ ଉତ୍ତରଦାତାମାନଙ୍କୁ ନୂତନ ଭାବରେ ମକଦ୍ଦମା ଦାୟର କରିବାର ଅନୁମତି ନ ଦେଇ ମକଦ୍ଦମାକୁ ବିନା କୌଣସି ସର୍ତ୍ତରେ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଥିଲେ । ଦୁଇଜଣିଆ ଖଣ୍ଡପୀଠଙ୍କ ମନ୍ତବ୍ୟ ଯେ ଏହି ମକଦ୍ଦମା ପ୍ରତ୍ୟାହାର ଉଭୟପକ୍ଷଙ୍କ ସମ୍ମତିରେ ହୋଇଥିଲା, ଯେ ଉତ୍ତରଦାତାମାନଙ୍କୁ ଏକ ବିକଳ୍ପ ପ୍ଲଟ ଆବଣ୍ଟନ କରାଯିବ, ତାହା ଏଠାରେ କିମ୍ବା ସେଠାରେ ନଥିଲା ।

୯. ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପାଇଁ ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ଅଧିକାର-ଅଭିଲେଖର ଭୁଲ ପ୍ରସ୍ତୁତି ସମ୍ବନ୍ଧରେ ପ୍ରସଙ୍ଗ ଉଠାଇ, ୧୯୯୦ ମସିହାରେ ଆବେଦନଟି ଦାଖଲ କରାଯାଇଥିଲା । ଏହାକୁ ୦୧.୦୩.୧୯୯୦ ରେ ଏହି ଅବଲୋକନ ସହିତ ସମାପ୍ତ କରାଯାଇଥିଲା ଯେ ଉତ୍ତରଦାତାମାନଙ୍କର ଜମି ଯାହା କର୍ମଚାରୀ ବାସଗୃହ ନିର୍ମାଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟିତ ହୋଇଥିଲା, ସେ ସମ୍ବନ୍ଧରେ ଦାବି ଜଣାଇ ଜିଏ ଡି ରେ ନିବେଦନ କରାଯାଇପାରିବ । ସେବେଠାରୁ, ନିବେଦନପତ୍ରମାନ ଦିଆଯାଉଥିଲା । କିନ୍ତୁ ଯେତେବେଳେ କିଛି ଫଳପ୍ରଦ ହେଲା ନାହିଁ, ସେତେବେଳେ ଦେୱାନୀ ମକଦ୍ଦମା ଦାୟର କରାଯାଇଥିଲା । ସେ ପୁନଶ୍ଚ ଉପସ୍ଥାପନ କରିଥିଲେ ଯେ ଦେୱାନୀ ମକଦ୍ଦମା ତିନୋଟି ପ୍ରାର୍ଥନା ସହିତ ଦାୟର କରାଯାଇଥିଲା, ପ୍ରଥମତଃ ଏଥିରେ ଥିବା ବାଦୀମାନେ ସେମାନଙ୍କ ଦଖଲରେ ଥିବା

ଜମିର ଅଂଶର ମାଲିକ ଘୋଷିତ ହୁଅନ୍ତୁ କାରଣ ସେମାନେ ପ୍ରତିକୂଳ ଦଖଲ ଦ୍ୱାରା ଏହାର ମାଲିକ ହୋଇଥିଲେ । ଦ୍ୱିତୀୟତଃ, ଘୋଷଣା କରିବାକୁ ଯାଚନା କରାଯାଇଥିଲା ଯେ ସେମାନେ ମକଦ୍ଦମା ସହ ସଂଲଗ୍ନ ଥିବା ଅନୁସୂଚୀର ଅଂଶବିଶେଷ ହୋଇଥିବା ଜମିର ମାଲିକ ଥିଲେ ଏବଂ ପରିଶେଷରେ, ଉତ୍ତରଦାତାମାନଙ୍କ ବିରୁଦ୍ଧରେ ସେମାନଙ୍କର ମକଦ୍ଦମାଭୁକ୍ତ ଜମିର ଭୋଗଦଖଲରେ ହସ୍ତକ୍ଷେପ କରା ନ ଯିବା ପାଇଁ ଏକ ନିଷେଧାଦେଶ ଜାରି କରାଯିବାକୁ ଏଥିରେ କୁହାଗଲା । ଯେହେତୁ ମକଦ୍ଦମାଟି ବିଚାରଧୀନ ଥିବା ସମୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ ଆବଣ୍ଟିତ କରାଯାଇଥିବା ଉତ୍ତରଦାତାମାନଙ୍କ ଜମି ବିରୁଦ୍ଧରେ ବିକଳ୍ପ ଜମି ଆବଣ୍ଟନ ପାଇଁ ଆବେଦନକାରୀ ଦ୍ୱାରା କରାଯାଇଥିବା ଆବେଦନ, ସରକାରଙ୍କ ଦ୍ୱାରା ସକ୍ରିୟ ଭାବରେ ବିଚାର କରାଯାଉଥିଲା, ତେଣୁ ଏହି ମକଦ୍ଦମାଟି ପ୍ରତ୍ୟାହାର କରି ନିଆଯାଇଥିଲା । ବିଭିନ୍ନ ସ୍ତରରେ ସରକାରୀ ଟିପ୍ପଣୀ-ଲିଖନ ଲିପିବଦ୍ଧ କରାଯାଇଥିଲା ଯେଉଁଥିରେ ସକାରାତ୍ମକ ଟିପ୍ପଣୀ ପ୍ରସ୍ତୁତ କରାଯାଇଥିଲା ଏବଂ ମତାମତ ଦିଆଯାଇଥିଲା ଯେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟିତ ହୋଇଥିବା ଉତ୍ତରଦାତାମାନଙ୍କର ଜମି ବଦଳରେ, ଉତ୍ତରଦାତାମାନେ ଜମି ଆବଣ୍ଟନ ପାଇଁ ହକଦାର ଅଟନ୍ତି । ସେ ଯାହା ହେଉ, କୌଣସି ସକାରାତ୍ମକ ଫଳାଫଳ ନ ଥିବାରୁ, ସେମାନଙ୍କ ଦାବିର ନିଷ୍ପତ୍ତି ନେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଯାଚନା କରି ରିଟ୍ ଆବେଦନ ଦାଖଲ କରିବା ବ୍ୟତୀତ ଉତ୍ତରଦାତାମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା । ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଏହି ପ୍ରସଙ୍ଗକୁ ସଠିକ୍ ଭାବନା ସହକାରେ ବିଚାର କରିବାରେ ବିଫଳ ହୋଇଥିଲେ । ତେବେ ଯାହା ହେଉ ନା କାହିଁକି, ଆବେଦନରେ, ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାମାନଙ୍କର ଯଥାର୍ଥ ଦାବିକୁ ବିଚାର କରିଥିଲେ ଏବଂ ଉପଶମ ପ୍ରଦାନ କରିଥିଲେ । ଉତ୍ତରଦାତାମାନଙ୍କ ପକ୍ଷରୁ ଶ୍ରୀମାନ ଓକିଲ ଯଥୋଚିତ କହିଥିଲେ ଯେ ଯଦିଓ ରାଜସ୍ୱ

ନଥିରେ କାଳକ୍ରମେ ଚିହ୍ନଟ ସଂଖ୍ୟାମାନ ବଦଳିଯାଇଛି , ବିବାଦରେ ଥିବା ଜମି ସେହି ଏକ ସମାନ ।

## ଆଲୋଚନା

୧୦. ପକ୍ଷମାନଙ୍କର ଶ୍ରୀମାନ ଓକିଲମାନଙ୍କୁ ଶୁଣିଲୁ ଏବଂ ପ୍ରାସଙ୍ଗିକ ନଥିପତ୍ରକୁ ଅଧ୍ୟୟନ କଲୁ ।

୧୧. ସାଂପ୍ରତିକ ମକଦ୍ଦମାଟି ଏକ ଉଚ୍ଚ ଶ୍ରେଣୀୟ ମକଦ୍ଦମା ଯେଉଁଥିରେ ଜଣେ ମକଦ୍ଦମାବାଜ ବ୍ୟକ୍ତି ତାଙ୍କର ପୁରୁଣା ଦାବିକୁ ଜୀବନ୍ତ କରିବା ପାଇଁ ବିଭିନ୍ନ ସ୍ତରରେ ନ୍ୟାୟାଳୟମାନଙ୍କୁ ତଥା କର୍ତ୍ତୃପକ୍ଷମାନଙ୍କୁ ବିଭ୍ରାନ୍ତ କରିବାରେ ସକ୍ଷମ ହୋଇଥିଲେ ।

୧୨. ଅଧିକ ବୋଧଗମ୍ୟ ହେବା ପାଇଁ, ନିମ୍ନ ପ୍ରଦତ୍ତ ସାରଣୀରେ ବିବିଧ ଇତିହାସ ଥିବା ଏହି ମାମଲାର ତଥ୍ୟଗୁଡିକର ସଂକ୍ଷେପ ସାରାଂଶ ଦିଆଯାଇଛି, ଯେତେବେଳେ କି ରାୟର ଶେଷ ଭାଗରେ ବିସ୍ତାରରେ ରାୟ ଦିଆଯାଇଛି ।

| ତାରିଖ | ମନ୍ତବ୍ୟଗୁଡ଼ିକ |
|---|---|
| - | ଓଡ଼ିଶା ଜରିବ ଏବଂ ବନ୍ଦୋବସ୍ତ ଅଧିନିୟମ ୧୯୫୮ ର ଧାରା ୧୨ ଅନୁଯାୟୀ ଅଧିକାର-ଅଭିଲେଖ ଚୂଡ଼ାନ୍ତ ହୋଇଛି । |
| - | ୧୯୫୮ ଅଧିନିୟମର ଧାରା ୧୨ ଅନୁଯାୟୀ ଅଧିକାର-ଅଭିଲେଖ ଚିଠା ପ୍ରକାଶିତ ହୋଇଛି । |
| - | ସହାୟକ ବନ୍ଦୋବସ୍ତ ଅଧିକାରୀ ଅଧିକାର-ଅଭିଲେଖ ଚିଠାରେ କୌଣସି ତ୍ରୁଟି ସମ୍ବନ୍ଧରେ କୌଣସି ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ବିଚାର କରନ୍ତି । |
| | ୧୯୫୮ ଅଧିନିୟମର ଧାରା ୧୨-କ ଅଧୀନରେ ଦାଖଲ ହୋଇଥିବା ଏକ |

| | |
|---|---|
| -<br>-<br>-<br>- | ଆବେଦନ, ୧୯୫୮ ଅଧିନିୟମର ଧାରା ୧୨ ଅଧୀନରେ ସହକାରୀ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶର ତିରିଶ ଦିନ ମଧ୍ୟରେ ବନ୍ଦୋବସ୍ତ ଅଧିକାରୀଙ୍କ ପାଇଁ<br>ଅନୁରକ୍ଷଣୀୟ ।<br>୧୯୫୮ ଅଧିନିୟମର ଧାରା ୧୨-ଖ ଅନୁଯାୟୀ ଚୂଡ଼ାନ୍ତ ଅଧିକାର-ଅଭିଲେଖ ପ୍ରକାଶିତ ହୋଇଛି ।<br>୧୯୫୮ ଅଧିନିୟମର ଧାରା ୧୫(b) ଅଧୀନରେ, ୧୯୫୮ ଅଧିନିୟମର ଧାରା ୧୨-ଖ ଅଧୀନରେ ଚୂଡ଼ାନ୍ତ ଅଧିକାର-ଅଭିଲେଖର ପ୍ରକାଶନ ତାରିଖଠାରୁ ଏକ ବର୍ଷ ମଧ୍ୟରେ ୧୯୫୮ ଅଧିନିୟମର ଧାରା ୧୨-କ ଅନୁଯାୟୀ ପାରିତ ହୋଇଥିବା ଆବେଦିତ ଆଦେଶ ବିରୁଦ୍ଧରେ ରାଜସ୍ୱ ବୋର୍ଡକୁ ଏକ ଆବେଦନ ରହିଛି ।<br>ଉତ୍ତରଦାତାମାନେ ରିଟ ଆବେଦନରେ ନିବେଦନ କରିଥିଲେ ଯେ ସେମାନେ ଅଧିକାର-ଅଭିଲେଖ ଚୂଡ଼ାନ୍ତ କରିବା ସମୟରେ ଆପତ୍ତି ଉଠାଇଥିଲେ, କିନ୍ତୁ ସେଗୁଡ଼ିକୁ ବିଚାରକୁ ନିଆଯାଇନଥିଲା । |
| ୧୯୬୨ | ଅଧିକାର-ଅଭିଲେଖକୁ ଚୂଡ଼ାନ୍ତ କରାଯାଇଥିଲା । |
| ଜାନୁୟାରୀ ୧୯୯୦ | ୧୯୫୮ ଅଧିନିୟମର ଧାରା ୧୨-କ ଅନୁଯାୟୀ ବନ୍ଦୋବସ୍ତ ଅଧିକାରୀଙ୍କ ସମ୍ମୁଖରେ ଉତ୍ତରଦାତାମାନଙ୍କ ଦ୍ୱାରା ଆବେଦନ ଦାଖଲ କରାଯାଇଥିଲା ଚୂଡ଼ାନ୍ତ ଅଧିକାର-ଅଭିଲେଖ ପ୍ରକାଶ ପାଇବା ପରେ, ଏପରି କୌଣସି ଆବେଦନ ଅନୁରକ୍ଷଣୀୟ ନଥିଲା, ଯେହେତୁ ୧୯୫୮ ଅଧିନିୟମର ଧାରା |

| | |
|---|---|
| | ୧୫(b) ଅନୁଯାୟୀ ଏକମାତ୍ର ପ୍ରତିକାର ଉପଲବ୍ଧ ଥିଲା, ଯାହା ୧୯୬୨ ମସିହାରେ ଚୂଡ଼ାନ୍ତ ଅଧିକାର-ଅଭିଲେଖର ପ୍ରକାଶନ ତାରିଖଠାରୁ ଏକ ବର୍ଷ ମଧ୍ୟରେ ରାଜସ୍ୱ ପରିଷଦ ସମ୍ମୁଖରେ ଏକ ଆବେଦନ ଦାଖଲ କରିବା ପାଇଁ ଥିଲା । |
| ୦୧.୦୩.୧୯୯୦ | ଉପରୋକ୍ତ ଆବେଦନଟି ଅନୁରକ୍ଷଣୀୟ ନ ଥିଲେ ମଧ୍ୟ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା ଏବଂ ଏହାର ବନ୍ଦୋବସ୍ତ କରାଯାଇଥିଲା ଏବଂ ସାଧାରଣ ପ୍ରଶାସନିକ ବିଭାଗ ନିକଟରେ ସେମାନଙ୍କ ଦାବି ପ୍ରସଙ୍ଗକୁ ଉଠାଇବା ପାଇଁ ଉତ୍ତରଦାତାମାନଙ୍କ ପାଇଁ ଏହାକୁ ଉନ୍ମୁକ୍ତ ରଖାଯାଇଥିଲା । ଉପରୋକ୍ତ ଆଦେଶରେ ବିନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ କର୍ମଚାରୀମାନଙ୍କର ବାସଗୃହ ନିର୍ମାଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପ୍ଲଟ୍ ସଂଖ୍ୟା ୧୫୦୬ ପୂର୍ବରୁ ଦିଆଯାଇଥିଲା, ଯାହାର ନିର୍ମାଣ ହୋଇସାରିଥିଲା । |
| ୨୦୦୩ | ୨୦୦୩ ର ଏକ ଦେୱାନୀ ମକଦ୍ଦମା ସଂଖ୍ୟା ୪୮ ନ୍ୟାୟାଳୟରେ ବାଦୀଙ୍କ ଦ୍ୱାରା ଦାୟର କରାଯାଇଥିଲା, ଯେଉଁଥିରେ ପ୍ରଥମେ, ପ୍ରତିକୂଳ ଦଖଲ ଆଧାରରେ ମାଲିକାନା ଘୋଷଣା କରାଯାଇଥିଲା । ଦ୍ୱିତୀୟତଃ, ଜି ଏ ଡି ବିରୋଧରେ ଏକ ନିଷେଧାଦେଶ ମଗାଯାଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟିତ ହୋଇଯାଇଥିବା ଜମି ଉପରେ ମାଲିକାନା ନ ଥିଲେ ମଧ୍ୟ, ମକଦ୍ଦମାର ବାଦୀମାନେ ଜମିର ସେହି ଅଂଶ ଉପରେ ସେମାନଙ୍କର ଦଖଲାଧିକାର ଦାବି କରିଥିଲେ । |

| | |
|---|---|
| ୨୮.୦୭.୨୦୦୭ | ଉପରୋକ୍ତ ଦେୱାନୀ ମକଦ୍ଦମାକୁ ପ୍ରତ୍ୟାହାର ହୋଇଛି ବୋଲି ଦର୍ଶାଇ ମକଦ୍ଦମାକୁ ଖାରଜ କରାଯାଇଥିଲା । ଯଦିଓ ଏକ ନୂଆ ମକଦ୍ଦମା ଦାୟର କରିବା ପାଇଁ ଅନୁମତି ଲୋଡ଼ା ଯାଇଥିଲା । ତେବେ ଯାହାହେଉ, ଏପରି କୌଣସି ଅନୁମତି / ସ୍ୱାଧୀନତା ପ୍ରଦାନ କରାଯାଇ ନଥିଲା । ଆବେଦନରେ ନିବେଦନ କରାଯାଇଥିଲା ଯେ ଏହି ମାମଲା ସରକାରଙ୍କ ପାଖରେ ବିଚାର ହେବା ପାଇଁ ବିଚାରାଧୀନ ରହିଛି । |
| ଜୁନ ୨୦୦୮ | ଭାରତୀୟ ରିଜର୍ଭ ବ୍ୟାଙ୍କକୁ କରାଯାଇଥିବା ଜମି ଆବଣ୍ଟନକୁ ଆପତ୍ତି କରି ଉତ୍ତରଦାତାମାନଙ୍କ ଦ୍ୱାରା ରିଟ ଆବେଦନ (ଦେୱାନୀ) ସଂଖ୍ୟା ୯୦୬୯/୨୦୦୮ ଦାଖଲ କରାଯାଇଥିଲା; ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଦିଆଯାଇଥିବା ଜମିର ସମପରିମାଣ ଜମି ଆବଣ୍ଟନ ପାଇଁ ଦାବି; ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟିତ ଜମି ବିନିମୟରେ ବାଦୀମାନଙ୍କ ସହିତ ଜମିର ବେଆଇନ ଦଖଲକୁ ନିୟମିତ କରାଯିବା ପାଇଁ । |
| ୨୧.୧୧.୨୦୦୮ | ଉପରୋକ୍ତ ରିଟ ଆବେଦନଟି ଉଚ୍ଚ ନ୍ୟାୟାଳୟ ଦ୍ୱାରା ସମାପ୍ତ କରାଯାଇଥିଲା ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ୦୧.୦୩.୧୯୯୦ ରେ ପାରିତ ଆଦେଶ ବିରୁଦ୍ଧରେ ସେଥିରେ ଥିବା ଆପତ୍ତିକୁ ଆଦେଶଟି ଲିପିବଦ୍ଧ କରିଥିଲା । ଏଥିରେ ଆବେଦନକାରୀ ପକ୍ଷର ଓକିଲଙ୍କ ବିବୃତି ଲିପିବଦ୍ଧ କରାଯାଇଥିଲା ଯେ ଅଧିକାର-ଅଭିଲେଖର ବନ୍ଦୋବସ୍ତ ସମୟରେ ଆପତ୍ତିମାନ ଦାଖଲ କରାଯାଇଥିଲା, ଯାହାର ମୂଲ୍ୟାଙ୍କନ ନ କରି ଚୂଡ଼ାନ୍ତ |

| | |
|---|---|
| | କରାଯାଇଥିଲା । ରାଜ୍ୟ ପାଇଁ ଓକିଲଙ୍କ ଆଭିମୁଖ୍ୟ ଅଭିଲିଖିତ କରାଯାଇଥିଲା ଯେ, ବର୍ତ୍ତମାନ ଜମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ ନାମରେ ଲିପିବଦ୍ଧ କରାଯାଇଥିଲା । ବ୍ୟାଙ୍କକୁ ଏହାର ହସ୍ତାନ୍ତରଣ ପରେ, ଏହା ଉପରେ କର୍ମଚାରୀମାନଙ୍କର ବାସଗୃହ ନିର୍ମାଣ ହୋଇସାରିଥିଲା ।<br>ପରବର୍ତ୍ତୀ ସମୟରେ, ରିଟ୍ ଆବେଦନକାରୀଙ୍କୁ ଚୂଡ଼ାନ୍ତ ଅଧିକାର-ଅଭିଲେଖ ବିରୁଦ୍ଧରେ, ଯଦି ଏହି ପରାମର୍ଶ ଦିଆଯାଇଥାଏ, ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ୱାଧୀନତା ପ୍ରଦାନ କରାଯାଇ, ରିଟ ପିଟିସନକୁ ପରିଶେଷରେ ସମାପ୍ତ କରାଯାଇଥିଲା ।<br>ଯାହାର ଅର୍ଥ ହେଉଛି ଯେ, ଆବେଦନକାରୀମାନଙ୍କୁ ଏପରି କୌଣସି ଉପଶମ ପ୍ରଦାନ କରାଯାଇ ନଥିଲା, ଯାହା ଏତେ ବଡ଼ ବିଳମ୍ବ ପରେ ଗ୍ରହଣୀୟ ହିଁ ନଥିଲା । |
| ୩୦.୧୦.୨୦୦୯ | ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ସମକ୍ଷରେ ରିଟ ଅପିଲ ସଂଖ୍ୟା ୧୦୮/ ୨୦୦୯ ରେ ଏକକ ନ୍ୟାୟାଧୀଶଙ୍କ ଆଦେଶ ବିରୁଦ୍ଧରେ ଆପତ୍ତି କରାଯାଇଥିଲା ଯାହାକୁ ଉତ୍ତରଦାତାମାନଙ୍କୁ ବିଭିନ୍ନ ଉପଶମ ପ୍ରଦାନପୂର୍ବକ ସମାପ୍ତ କରାଯାଇଥିଲା ।<br>ବର୍ତ୍ତମାନର ଆବେଦନରେ ଏହି ଆଦେଶଟିକୁ ଆକ୍ଷେପିତ କରାଯାଇଛି । |

୧୩. ତଥ୍ୟଗୁଡିକର ବର୍ଣ୍ଣନାରୁ, ଉପରୋକ୍ତ ସାରଣୀରେ, ଏହା ସ୍ପଷ୍ଟ ଯେ ଉତ୍ତରଦାତାମାନେ ସ୍ୱତ୍ୱାଧିକାରରେ ଥିବା ସେମାନଙ୍କର ପୂର୍ବାଧିକାରୀଙ୍କ ସମେତ ଦଶନ୍ଧି ଦଶନ୍ଧି ଧରି ନିଜର ଅଧିକାର ସମ୍ବନ୍ଧରେ ସୁପ୍ତାବସ୍ଥାରେ ଅଛନ୍ତି । ଅଧିକାର-ଅଭିଲେଖକୁ ଚୂଡ଼ାନ୍ତ ରୂପ ଦେବାର ପ୍ରକ୍ରିୟା

ନିଶ୍ଚିତଭାବେ ୧୯୬୨ ମସିହା ପୂର୍ବରୁ ଆରମ୍ଭ ହୋଇଥିବ, କାରଣ ସେହି ସମୟରେ ଅଧିକାରର ଚୂଡ଼ାନ୍ତ ପ୍ରକାଶନ କରାଯାଇଥିଲା । ମାନ୍ୟବର ଏକକ ବିଚାରପୀଠ ସମ୍ମୁଖରେ ଏହା କୁହାଯାଇଥିଲା, ଯେ ଆପତ୍ତିଗୁଡ଼ିକ ଅଧିକାର-ଅଭିଲେଖକୁ ଚୂଡ଼ାନ୍ତ ରୂପ ଦେବା ପୂର୍ବରୁ ଦାଖଲ କରାଯାଇଥିଲା । ଯଦି ୧୯୫୮ ଅଧିନିୟମର ଧାରା ୧୨-ଖ ଅନୁଯାୟୀ ଅଧିକାର-ଅଭିଲେଖର ଚୂଡ଼ାନ୍ତ ପ୍ରକାଶନ ସମୟରେ ସେହି ଆପତ୍ତିଗୁଡ଼ିକୁ ବିଚାରକୁ ନିଆଯାଇନଥିଲା, ତେବେ ୧୯୫୮ ଅଧିନିୟମର ଧାରା ୧୨-ଖ ଅଧୀନରେ ଅଧିକାର-ଅଭିଲେଖର ଚୂଡ଼ାନ୍ତ ପ୍ରକାଶନର ଏକ ବର୍ଷ ମଧ୍ୟରେ ରାଜସ୍ୱ ବୋର୍ଡ ସମ୍ମୁଖରେ ଏକ ଆବେଦନ ଦାଖଲ କରିବାଟା ଏକ ଉପଯୁକ୍ତ ପ୍ରତିକାର ଥିଲା ।

୧୪. ଅଧିକାର-ଅଭିଲେଖ ବହୁ ପୂର୍ବରୁ ୧୯୬୨ ମସିହାରେ ଚୂଡ଼ାନ୍ତ ହୋଇଥିଲା । ଉତ୍ତରଦାତାମାନଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଥିଲା ଯେ ସେହି ସମାନ ପ୍ଲଟର ଏକ ଅଂଶବିଶେଷ, ଯାହା ଜି ଏ ଡି ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟନ କୁ ନେଇ ବିବାଦ ଉଠାଯାଇଛି, ତାହା ଉତ୍ତରଦାତାମାନଙ୍କ ଦଖଲାଧିକାରରେ ରହିଛି । ଏହାର ଅର୍ଥ ହେଉଛି ଯେ ଯେତେବେଳେ ଅଧିକାର-ଅଭିଲେଖ ପ୍ରସ୍ତୁତ କରାଯାଇଥିଲା, ଉତ୍ତରଦାତାମାନେ ଏହି ତଥ୍ୟ ବିଷୟରେ ଭଲରୂପେ ଜାଣିଥିଲେ ଯେ ସେଥିରେ କିଛି ତ୍ରୁଟି ଅଛି । ଦାବି ହେଉଛି ଯେ ଉତ୍ତରଦାତାମାନଙ୍କ ଦଖଲରେ ଥିବା ସମ୍ପତ୍ତି ଏକ ସ୍ଥିତିବାନ ସମ୍ପତ୍ତି ଥିଲା ଏବଂ ସ୍ୱତ୍ୱାଧିକାରରେ ଥିବା ସେମାନଙ୍କର ପୂର୍ବାଧିକାରୀ ଏହାର ଦଖଲରେ ଥିଲେ । ବନ ବିଭାଗ ନାମରେ ଏହାକୁ ହସ୍ତାନ୍ତରଣ କରିବାର କୌଣସି କାରଣ ନଥିଲା ବୋଲି ଦାବି କରାଯାଇଥିଲା ।

୧୫. ଅଧିକାର-ଅଭିଲେଖ ଚୂଡ଼ାନ୍ତ ହେବାର ଅଠେଇଶ ବର୍ଷ ପରେ, ବନ୍ଦୋବସ୍ତ ଅଧିକାରୀଙ୍କ ସମ୍ମୁଖରେ ଏକ ଆବେଦନ ଦାଖଲ କରାଯାଇଥିଲା, ଯାହା ସେହି ପର୍ଯ୍ୟାୟ ଅତିକ୍ରମ କରିଯାଇଥିବାରୁ ଅନୁରକ୍ଷଣୀୟ ନ ଥିଲା । ବନ ବିଭାଗ ନାମରେ ଜମି ପଞ୍ଜୀକୃତ ହୋଇଥିବାରୁ ବନ ବିଭାଗକୁ ନୋଟିସ୍ ଜାରି କରାଯାଇଥିଲା । ବନ୍ଦୋବସ୍ତ ଆବେଦନକୁ ୦୧.୦୩.୧୯୯୦ ରେ

ସମାପ୍ତ କରାଯାଇଥିଲା । ଆଦେଶରେ ଏହା ଦେଖାଯାଇଥିଲା ଯେ ଜମିର ଯେଉଁ ଅଂଶର ଚିହ୍ନଟ ସଂଖ୍ୟା ପରିବର୍ତ୍ତିତ, ତାହା ପ୍ଲଟ ସଂଖ୍ୟା ୧୫୦୬/୧ ଥିଲା, ଯାହା କର୍ମଚାରୀଙ୍କ ବାସଗୃହ ନିର୍ମାଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଦିଆଯାଇଥିଲା ଏବଂ ତହିଁରେ କର୍ମଚାରୀଙ୍କ ବାସଗୃହ ନିର୍ମାଣ କରାଯାଇଥିଲା । ଏହି ଆଦେଶରେ ଦର୍ଶାଯାଇଥିଲା ଯେ ଯଦି ଏହା ଏକ ସ୍ଥିତିବାନ ଜମି, ତେବେ ବନ୍ଦୋବସ୍ତ ଅଧିକାରୀଙ୍କ ପୂର୍ବରୁ ଆବେଦନକାରୀ ଜି ଏ ଡି ନିକଟରେ ଦାବି କରିପାରିବେ । ପ୍ଲଟ ସଂଖ୍ୟା ୧୫୦୬ ସେମାନଙ୍କ ନାମରେ ଅଭିଲିଖିତ କରିବାକୁ ବନ୍ଦୋବସ୍ତ ଅଧିକାରୀଙ୍କ ସମ୍ମୁଖରେ କରାଯାଇଥିବା ପ୍ରାର୍ଥନାଟି ପ୍ରତ୍ୟାଖ୍ୟାନ ହୋଇଥିଲା ।

୧୬. ଏହା ପରେ, ଉତ୍ତରଦାତାମାନେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏହି ବିଷୟରେ ସୁପ୍ତାବସ୍ଥାରେ ରହିଥିଲେ । ୧୩ ବର୍ଷ ପରେ, ୨୦୦୩ ମସିହାରେ ଏକ ଦେୱାନୀ ମକଦ୍ଦମା ଦାୟର କରାଯାଇଥିଲା । ଏପରିକି ଦେୱାନୀ ମକଦ୍ଦମା ଦାଖଲ କରିବା ସମୟରେ, ଯଥା ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ଆବେଦନର ପରିସମାପ୍ତିର ୧୩ ବର୍ଷ ପରେ ଏବଂ ଅଧିକାର-ଅଭିଲେଖ ଚୂଡ଼ାନ୍ତ ହେବାର ଚାରି ଦଶନ୍ଧିରୁ ଅଧିକ ସମୟ ପରେ, ଉତ୍ତରଦାତାମାନେ ଚୂଡ଼ାନ୍ତ ଅଧିକାର-ଅଭିଲେଖକୁ ଆପତ୍ତି କରିନଥିଲେ । ବାସ୍ତବରେ, ଯଦି ସେମାନେ ଆପତ୍ତି କରିଥାନ୍ତେ, ତେବେ ଏହା ଅନୁରକ୍ଷଣୀୟ ହୋଇନଥାନ୍ତା । ଦେୱାନୀ ମକଦ୍ଦମା ଦାୟର କରିବା ଉପଯୁକ୍ତ ପ୍ରତିକାର ନ ଥିଲା । ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଜମି ଆବଣ୍ଟନକୁ ମଧ୍ୟ ଆପତ୍ତି କରାଯାଇ ନଥିଲା ।

୧୭. ଦେୱାନୀ ମକଦ୍ଦମାରେ ଏହା ନିବେଦନ କରାଯାଇଥିଲା ଯେ ସରକାରୀ ଜମିର କିଛି ଅଂଶ ଉପରେ ବାଦୀମାନଙ୍କର ଦଖଲାଧିକାର ରହିଛି ଯେଉଁଠି ସେମାନେ ୧୯୬୫ ମସିହାରୁ ରହୁଛନ୍ତି, ତେଣୁ ପ୍ରତିକୂଳ ଦଖଲ ଦ୍ୱାରା ସେମାନେ ଏହାର ମାଲିକ ହୋଇଛନ୍ତି । ନିମ୍ନଲିଖିତ ପ୍ରାର୍ଥନା ସହ ଦେୱାନୀ ମକଦ୍ଦମାକୁ ଦାୟର କରାଯାଇଥିଲା:-

"(କ) ଏହା ଘୋଷଣା କରାଯାଉ ଯେ ଅନୁସୂଚୀ 'ଖ' ରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଖାତା ସଂଖ୍ୟା ୧୪୨୭ (ଜି ଏ) ଅଧୀନରେ ପ୍ଲଟ ସଂଖ୍ୟା ୧୪୭୪ (ଅଂଶ) ଏବଂ ପ୍ଲଟ ସଂଖ୍ୟା ୧୪୯୩ (ଅଂଶ) ଜମିର ୦.୪୩୦ ଡେସିମଲ ଏକର ମାପର କ୍ଷେତ୍ରବିଶିଷ୍ଟ ଅନୁସୂଚି 'ଖ' ସମ୍ପତ୍ତି ଉପରେ ପ୍ରତିବାଦୀଙ୍କର ପ୍ରକୃତ ଜ୍ଞାନ ପ୍ରତି ଶତ୍ରୁତାପୂର୍ଣ୍ଣ ଉଦ୍ଦେଶ୍ୟ ସହ ବାଦୀମାନେ ଶାନ୍ତିପୂର୍ଣ୍ଣ,, ନିରନ୍ତର ଏବଂ ନିରବଚ୍ଛିନ୍ନ ଭାବେ ଦଖଲଭୋଗ ଅଧିକାରରେ ଅଛନ୍ତି ଏବଂ ଯ'ଦ୍ୱାରା ୧୯୬୫ ମସିହାରୁ ବୈଧାନିକ ଅବଧିଠାରୁ ଅଧିକ ସମୟ ପାଇଁ ପ୍ରତିକୂଳ ଦଖଲ ମାଧ୍ୟମରେ ସେମାନଙ୍କର ସ୍ୱତ୍ୱାଧିକାରକୁ ପରିପୂର୍ଣ୍ଣ କରିଥିଲେ ।

(ଖ) ଏହା ଘୋଷଣା କରାଯାଉ ଯେ ବାଦୀମାନେ ଅନୁସୂଚି 'କ' ସମ୍ପତ୍ତି ଉପରେ ସଠିକ୍ ମାଲିକାନା ଏବଂ ସ୍ୱତ୍ୱ ଥାଇ ଏହାର ଦଖଲାଧିକାରର ଆଇନସମ୍ମତ ମାଲିକ ଅଟନ୍ତି ଏବଂ କେବଳ 'କ' ଅନୁସୂଚୀ ସମ୍ପତ୍ତି ଉପରେ ନୁହେଁ ବରଂ 'ଖ' ଅନୁସୂଚୀ ସମ୍ପତ୍ତି ଉପରେ ମଧ୍ୟ ବାଦୀମାନଙ୍କର ଶାନ୍ତିପୂର୍ଣ୍ଣ ଭୋଗ ଦଖଲରେ ପ୍ରତିବାଦୀଙ୍କର, କୌଣସି ପ୍ରକାରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ ।

(ଗ) ଖାତା ସଂଖ୍ୟା ୧୪୨୭ (ଜି ଏ) ଅଧୀନରେ ପ୍ଲଟ ସଂଖ୍ୟା ୧୪୭୪ (ଭାଗ) ଏବଂ ପ୍ଲଟ ସଂଖ୍ୟା ୧୪୯୩ (ଭାଗ), ଯଥା 'ଖ' ଅନୁସୂଚୀ ସମ୍ପତ୍ତି ଉପରେ ବାଦୀମାନଙ୍କର ଦଖଲାଧିକାରରେ ହସ୍ତକ୍ଷେପ ନ କରିବାକୁ ବା ସେଥିରୁ ସେମାନଙ୍କୁ ଅଲଗା ନ କରିବାକୁ ନିର୍ଦ୍ଦେଶ ସହିତ ପ୍ରତିବାଦୀ ତାଙ୍କ ଅନୁଚର ଠିକାଦାର ପ୍ରତିନିଧି ଏବଂ ଅଧିକାରୀମାନଙ୍କୁ ସ୍ଥାୟୀ ନିଷେଧାଜ୍ଞା ମାଧ୍ୟମରେ ଅବରୋଧ କରାଯାଉ, ଯାହା ଅନୁସୂଚୀ 'କ' ରେ ଉଲ୍ଲେଖିତ ଥିବା ବାଦୀମାନଙ୍କର ପ୍ଲଟ ସହିତ ମିଶ୍ରିତ ଥାଇ ବାଦୀମାନଙ୍କର ପୁରା ସୀମା ସରହଦ ଭିତରେ ରହିଛି ।

(ଘ) .........

(ଙ) .........."

୧୮. ମକଦ୍ଦମାରେ ଥିବା ପ୍ରାର୍ଥନା (ଖ) କୁ ପଠନ କଲେ ଜଣାପଡ଼େ ଯେ, ସେଥିରେ ଥିବା ବାଦୀମାନେ ସ୍ୱଚ୍ଛ ହସ୍ତରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନଥିଲେ । ଗୋଟିଏ ପଟେ, ବାଦପତ୍ରରେ ଏହା ସ୍ୱୀକାର କରାଯାଇଥିଲା ଯେ, ବିବାଦିତ ଜମିର ସେହି ଅଂଶ, ଯାହା ତହିଁରେ ଥିବା ବାଦୀମାନଙ୍କର ବୋଲି ଆରୋପିତ, ତାହା ଜି ଏ ଡି ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟନ କରାଯାଇଥିଲା ଏବଂ ଏହା ଉପରେ କର୍ମଚାରୀମାନଙ୍କର ବାସଗୃହ ନିର୍ମାଣ କରାଯାଇଥିଲା କିନ୍ତୁ ତଥାପି ଏହା ଘୋଷଣା କରିବାକୁ ଯାଚନା କରାଯାଇଥିଲା ଯେ ବାଦୀମାନେ ଜମିର ସେହି ଅଂଶର ମାଲିକ ଅଟନ୍ତି ଏବଂ ସେମାନଙ୍କର ଭୋଗଦଖଲକୁ ସୁରକ୍ଷା ଦେବା ଆବଶ୍ୟକ । ଅଧିକନ୍ତୁ, ପ୍ରତିବାଦୀମାନେ ସେମାନଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ସେମାନଙ୍କ ବିରୋଧରେ ସ୍ଥାୟୀ ନିଷେଧାଜ୍ଞା ମଧ୍ୟ ମଗାଯାଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ, ଯାହା ସ୍ୱୀକାରଯୋଗ୍ୟ ଭାବରେ ଜମିର କିଛି ଅଂଶ ଦଖଲରେ ଥିଲା, ଏହି ମକଦ୍ଦମାରେ ପ୍ରତିବାଦୀ ଭାବରେ ପକ୍ଷଭୁକ୍ତ ହୋଇନଥିଲା । ଉପରୋକ୍ତ ମକଦ୍ଦମାକୁ ୨୮.୦୭.୨୦୦୭ ରେ ପ୍ରତ୍ୟାହାର କରାଯାଇଥିବା ହେତୁ ଖାରଜ କରାଯାଇଥିଲା । ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ: -

"ମକଦ୍ଦମା ପ୍ରତ୍ୟାହାର ପାଇଁ ବାଦୀ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରୁ ଏହି ଆଦେଶ ଉତ୍ପନ୍ନ ହୋଇଛି ।

ଆବେଦନ, ଆପତ୍ତି, ବାଦପତ୍ର ସତ୍ୟକଥନ ତଥା ପ୍ରତିବାଦୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଡବ୍ଲ୍ୟୁ.ଏସ କୁ ମଧ୍ୟ ଅନୁଧ୍ୟାନ କଲୁ ।

ମୁଁ ପ୍ରତ୍ୟାହାର ଆବେଦନ ଉପରେ ଉଭୟପକ୍ଷଙ୍କୁ ଶୁଣିସାରିଛି ।

ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଲା ପରେ, ପ୍ରତ୍ୟାହାର ପାଇଁ ଆବେଦନଟି ଆଂଶିକ ଭାବେ ଅନୁମୋଦନ କରାଗଲା ।

ମକଦ୍ଦମା ପ୍ରତ୍ୟାହାର କରାଯାଇଛି କିନ୍ତୁ ନୂତନ ମକଦ୍ଦମା ଦାୟର କରିବା ପାଇଁ ବାଦୀଙ୍କ ଦ୍ୱାରା କରାଯାଇଥିବା ଅନୁମତି ଯାଚନାକୁ ମଞ୍ଜୁର କରାଯାଇନାହିଁ ।"

୧୯. ମକଦ୍ଦମା ପ୍ରତ୍ୟାହାର ପାଇଁ ଦରଖାସ୍ତରେ, ବାଦୀମାନେ କହିଥିଲେ ଯେ ଜି ଏ ଡି ସହିତ ଆଲୋଚନା ଚାଲିଛି, ତେଣୁ ସେମାନେ ପୁନର୍ବାର ନୂତନ ଭାବେ ମକଦ୍ଦମା ଦାୟର କରିବାର ସ୍ୱାଧୀନତା ସହିତ ମକଦ୍ଦମାଟିକୁ ପ୍ରତ୍ୟାହାର କରିବାକୁ ଅନୁମତି ମାଗିଥିଲେ । ତେବେ ସେ ଯାହା ହେଉ, ନ୍ୟାୟାଳୟ ନୂଆ ମକଦ୍ଦମା ଦାୟର କରିବା ପାଇଁ କୌଣସି ଅନୁମତି ଦେଇନଥିଲେ ।

୨୦. ଯେତେବେଳେ ଉତ୍ତରଦାତାମାନେ ସେମାନଙ୍କର ପୁରୁଣା ଦାବିକୁ ଜୀବିତ କରିବାକୁ ସକ୍ଷମ ହୋଇନଥିଲେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁ. ପି. (ସି) ୯୦୬୯ / ୨୦୦୮ ନାମକ ଏକ ରିଟ ପିଟିସନ ଦାଖଲ କରାଯାଇଥିଲା । ରିଟ ପିଟିସନର କାଗଜ-ପୁସ୍ତକର ପଠନରୁ ଜଣାପଡ଼େ ଯେ ସମପ୍ରକାର ଉପଶମ ଦାବି କରି ଦେୱାନୀ ମକଦ୍ଦମା ଦାୟର କରିବା ଏବଂ ଏହାକୁ ପ୍ରତ୍ୟାହାର କରିବା ସମ୍ପର୍କରେ କୌଣସି ଉଲ୍ଲେଖ ନଥିଲା । ବରଂ ବନ୍ଦୋବସ୍ତ ଆବେଦନ ସଂଖ୍ୟା ୫୩୭ / ୯୦ ରେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ତା ୦୧.୦୩.୧୯୯୦ ରିଖର ଆଦେଶ ଆଧାରରେ କୌଣସି ସର୍ତ୍ତ ବିନା ଏକ ମାମଲା ପ୍ରସ୍ତୁତ କରିବାକୁ ଯାଚନା କରାଯାଇଥିଲା । ପୁନରାବୃତ୍ତିର ମୂଲ୍ୟ ବଦଳରେ, ଏଠାରେ ହୁଏତ ଏହା ଦୋହରାଯାଇପାରେ ଯେ ଦେୱାନୀ ମକଦ୍ଦମାରେ ମଧ୍ୟ, ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ହୋଇଥିବା ଉପରୋକ୍ତ ତା ୦୧.୦୩.୧୯୯୦ ରିଖ ଆଦେଶ ଉପରେ ନିର୍ଭର କରାଯାଇଥିଲା । ରିଟ ପିଟିସନକୁ ୨୧.୧୧.୨୦୦୮ ରେ ସମାପ୍ତ କରିଦିଆଯାଇଥିଲା । ରିଟ ଆବେଦନକାରୀଙ୍କ ଆଭିମୁଖ୍ୟ ଥିଲା ଯେ ସେମାନେ ଅଧିକାର-ଅଭିଲେଖର ବନ୍ଦୋବସ୍ତ ସମୟରେ ଆପତ୍ତି ଦାଖଲ କରିଥିଲେ, ସେ

ଯାହା ହେଉ, ଆପତ୍ତିଗୁଡ଼ିକୁ ତଥାପି ମୂଲ୍ୟାଙ୍କନ ନ କରି, ବିବାଦୀୟ ଜମିକୁ ଜି ଏ ଡି ନାମରେ ଲିପିବଦ୍ଧ ହୋଇଥିଲା । ଆବେଦନକାରୀମାନଙ୍କର ଓକିଲଙ୍କ ଦ୍ୱାରା ଏହି ତଥ୍ୟର କଥନ ଦର୍ଶାଉଛି ଯେ ସେମାନେ ବହୁ ପୂର୍ବରୁ ୧୯୬୨ ମସିହାରେ ଅଧିକାର-ଅଭିଲେଖ ଚୂଡ଼ାନ୍ତ ହୋଇଥିବା ବିଷୟରେ ଅବଗତ ଥିଲେ । ତେବେ ଯାହା ହେଉ, ସେମାନେ ତଥାପି ନୀରବ ରହିଲେ ଏବଂ ଯଦି ସେମାନେ ଏହା ଦ୍ୱାରା ପୀଡ଼ିତ ହୋଇଥିଲେ, ତେବେ ଏହା ବିରୁଦ୍ଧରେ ସେମାନଙ୍କ ପାଇଁ ଉପଲବ୍ଧ ଉପଯୁକ୍ତ ପ୍ରତିକାରର ଉପଯୋଗ କରିନଥିଲେ । ପ୍ରତିବଦଳରେ ବିକଳ୍ପ ଜମି ଆବଣ୍ଟନ ସମ୍ବନ୍ଧରେ ସୂଚନା ଅଧିକାର ଅଧିନିୟମ ୨୦୦୫ ଅଧୀନରେ ଉତ୍ତରଦାତାମାନେ ପାଇଥିବା କେତେକ ସରକାରୀ ଟିପ୍ପଣୀ ଲିଖନ, ଅଭିଲେଖରେ ସ୍ଥାନିତ ହୋଇଛି । ଏହି ଟିପ୍ପଣୀ ଲିଖନଗୁଡ଼ିକ ୨୦୦୧ ମସିହା ଠାରୁ ଥିଲା । ଉତ୍ତରଦାତାମାନଙ୍କୁ ଆଦେଶ ସମ୍ବନ୍ଧରେ କିଛି ନ ଜଣାଇବା ସ୍ଥଳେ, ଏହି ଟିପ୍ପଣୀ ଲିଖନ ଗୁଡିକ ଉତ୍ତରଦାତାମାନଙ୍କୁ କୌଣସି ଅଧିକାର ପ୍ରଦାନ କରୁଛି କି ନାହିଁ, ଏହା ରାୟର ପରବର୍ତ୍ତୀ ଭାଗରେ ଆଲୋଚନା କରାଯିବ ।

୨୧. ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଆଇନଗତ ପ୍ରସଙ୍ଗଗୁଡିକରୁ କୌଣସି ବି ପ୍ରସଙ୍ଗକୁ, ତଥ୍ୟ ବିଷୟରେ ଅବଗତ ଥିବା ସତ୍ତ୍ୱେ ରିଟ ଆବେଦନକାରୀମାନଙ୍କର ବା ସ୍ୱତ୍ୱାଧିକାରରେ ଥିବା ସେମାନଙ୍କର ପୂର୍ବାଧିକାରୀମାନଙ୍କର ରିଟ ପିଟିସନ ଦାଖଲ କରିବାରେ ହୋଇଥିବା ବିଳମ୍ବକୁ ମୂଲ୍ୟାଙ୍କନ ନ କରି, ଚୂଡ଼ାନ୍ତ ଅଧିକାର-ଅଭିଲେଖକୁ ଗୋଳମାଳ କରିଚାଲିଥିଲେ ଯାହାକୁ ବହୁ ପୂର୍ବରୁ ୧୯୬୨ ମସିହାରେ ଚୂଡ଼ାନ୍ତ କରାଯାଇଥିଲା । ନିଜର ସ୍ଥିତିବାନ ଜମି ବଦଳରେ ଏକ ଉପଯୁକ୍ତ ଜମି ଆବଣ୍ଟନ ପାଇଁ ରିଟ ଆବେଦନକାରୀଙ୍କ ନିବେଦନପତ୍ର ଉପରେ ବିଚାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା ।

୨୨. ବର୍ତ୍ତମାନର ଆବେଦନଟିରେ ଯେଉଁ ବିବାଦଗୁଡିକ ଏହି ନ୍ୟାୟାଳୟ ଦ୍ୱାରା ବିଚାର କରାଯିବା ଆବଶ୍ୟକ ସେଗୁଡିକ ହେଲା:

(୧) ଅଧିକାର-ଅଭିଲେଖର ଚୂଡ଼ାନ୍ତ ପ୍ରକାଶନ ବିରୁଦ୍ଧରେ ପ୍ରତିକାର ଲାଭ ଉଠାଇବାରେ ଏହାର ବିଳମ୍ବ ଏବଂ ହେଳା କରିବାର ପରିଣାମ ।

(୨) ଯେତେବେଳେ ନୂତନ ଭାବେ ଦାୟର କରିବାର ସ୍ୱାଧୀନତା ବ୍ୟତିରେକ ଦେୱାନୀ ମକଦ୍ଦମା ପ୍ରତ୍ୟାହାର କରାଯାଇଥିଲା ସମପ୍ରକାର ଉପଶମ ପାଇଁ ଦାଖଲ ହୋଇଥିବା ରିଟ ପିଟିସନର ରକ୍ଷଣାବେକ୍ଷଣ ଏବଂ ନ୍ୟାୟାଳୟରୁ ସାରବାନ ତଥ୍ୟ ଗୋପନ ରଖାଯିବା ଉପରେ ।

(୩) ସରକାରୀ ନଥିରେ ଥିବା ଟିପ୍ପଣୀ ଲିଖନ ଆଧାରର ଆଦେଶକୁ ଯୋଗାଯୋଗ ବିନା ଏକ ପକ୍ଷ ତା' ଉପରେ ନିର୍ଭର କରିପାରିବ କି ନାହିଁ?

## 1. **ଅଧିକାର-ଅଭିଲେଖର ଚୂଡ଼ାନ୍ତ ପ୍ରକାଶନ ଦିଗରେ ପ୍ରତିକାର ଲାଭ କରିବାରେ ବିଳମ୍ବ ଏବଂ ହେଳାର ପ୍ରଭାବ**

୨୩. ବିଳମ୍ବ ଏବଂ ହେଳା ଉପରେ ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ନୀତିଗୁଡ଼ିକୁ ଲାଗୁ କରିବା ପୂର୍ବରୁ ବିଧିକ ସ୍ଥିତିକୁ ଉଲ୍ଲେଖ କରିବା ଆମେ ଉପଯୁକ୍ତ ବୋଲି ବିବେଚନା କରୁଛୁ ।

୨୪. **ପି. ଏସ୍. ସଦାଶିବସ୍ୱାମୀ ବନାମ ତାମିଲନାଡୁ ରାଜ୍ୟ, (୧୯୭୫) ୧ ଏସ ସି ସି ୧୫୨** ମାମଲାରେ, ଏହା ଧାର୍ଯ୍ୟ କରାଯାଇଥିଲା ଯେ ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଉପରେ ତାଙ୍କଠାରୁ କନିଷ୍ଠ ବ୍ୟକ୍ତିଙ୍କୁ ଉପର ପାହ୍ୟାରେ ପଦୋନ୍ନତି କରି ଆଦେଶ ଦିଆଯିବା ଦ୍ୱାରା ଅସନ୍ତୁଷ୍ଟ ବ୍ୟକ୍ତିଜଣଙ୍କୁ ତା' ବିରୁଦ୍ଧରେ ଅତି କମରେ ଛଅ ମାସ ମଧ୍ୟରେ କିମ୍ବା ଏହିପରି ପଦୋନ୍ନତିର ସର୍ବାଧିକ ଏକ ବର୍ଷ ମଧ୍ୟରେ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡିବ । ଏପରି ନୁହେଁ ଯେ ଅନୁଚ୍ଛେଦ ୨୨୬ ଅଧୀନରେ ନ୍ୟାୟାଳୟମାନଙ୍କ ପାଇଁ ସେମାନଙ୍କ କ୍ଷମତା ପ୍ରୟୋଗ କରିବାର କୌଣସି ସୀମିତ ସମୟ ଅବଧି ଅଛି କିମ୍ବା ଏପରି ନୁହେଁ ଯେ ଏକ ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହେବା ପରେ ଏକ ବିଷୟରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବା ଭଳି କୌଣସି ମାମଲା ହୋଇପାରିବ ନାହିଁ, କିନ୍ତୁ ଉପଶମ

ପାଇଁ ତ୍ୱରିତ ଭାବରେ ଯୋଗାଯୋଗ କରିନଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ, ଅନୁଚ୍ଛେଦ ୨୨୬ ଅଧୀନରେ ସେମାନଙ୍କର ଅସାଧାରଣ କ୍ଷମତା ପ୍ରୟୋଗ କରିବାକୁ ମନା କରିଦେବା ପାଇଁ ନ୍ୟାୟାଳୟମାନଙ୍କ ପକ୍ଷରୁ ଏକ ସୁସ୍ଥ ଏବଂ ବିଜ୍ଞ ବିବେକପୂର୍ଣ୍ଣ ବିଚାର ପ୍ରୟୋଗ ହେବା ଉଚିତ ।

୨୫. **ନୂଆଦିଲ୍ଲୀ ପୌର ପରିଷଦ ବନାମ ପାନ ସିଂହ ଏବଂ ଅନ୍ୟମାନେ, (୨୦୦୭) ୯ ଏସ ସି ସି ୨୭୮**, ମାଧ୍ୟମରେ ଏହି ନ୍ୟାୟାଳୟ ମତ ଦେଇଛନ୍ତି ଯେ ଯଦିଓ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅଧୀନରେ ଏକ ରିଟ ଆବେଦନ ଦାଖଲ କରିବା ପାଇଁ ଅବଧିର କୌଣସି ସୀମା ନାହିଁ, ତଥାପି ସାଧାରଣତଃ ଏକ ରିଟ ଆବେଦନ ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଦାଖଲ କରାଯିବା ଉଚିତ । ଉକ୍ତ ମାମଲାରେ ପ୍ରତିବାଦୀମାନେ ସତର ବର୍ଷ ପରେ ରିଟ ପିଟିସନ ଦାଖଲ କରିଥିଲେ ଏବଂ ନ୍ୟାୟାଳୟ, ଯେପରି ପୂର୍ବରୁ କୁହାଯାଇଛି, ବିଳମ୍ବ ଏବଂ ହେଳାକୁ ପ୍ରାସଙ୍ଗିକ କାରକ ହିସାବରେ ଧ୍ୟାନ ଦେଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶକୁ ରଦ୍ଦ କରିଥିଲେ ଯିଏ କି ନିଜର ସ୍ୱେଚ୍ଛାକୃତ ଅଧିକାରିତାକୁ ପ୍ରୟୋଗ କରିଥିଲେ ।

୨୬. **ଉତ୍ତରାଞ୍ଚଳ ରାଜ୍ୟ ଏବଂ ଅନ୍ୟ ଜଣେ ବନାମ ଶ୍ରୀ ଶିବ ଚରଣ ସିଂ ଭଣ୍ଡାରି ଏବଂ ଅନ୍ୟମାନେ, (୨୦୧୩) ୧୨ ଏସ ସି ସି ୧୭୯** ମାମଲାରେ, ବିଳମ୍ବ ଏବଂ ହେଳା ସମ୍ବନ୍ଧୀୟ ପ୍ରସଙ୍ଗକୁ ବିଚାର କଲାବେଳେ ମତବ୍ୟକ୍ତ କରାଯାଇଛି ଯେ ଯଦିଓ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅଧୀନରେ ରିଟ ଆବେଦନ ଦାଖଲ କରିବା ପାଇଁ କୌଣସି ସମୟ ସୀମା ନିର୍ଦ୍ଧାରିତ ହୋଇନାହିଁ, ତଥାପି ଏହାକୁ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଦାଖଲ କରାଯିବା ଉଚିତ । ଜଣେ ବ୍ୟକ୍ତିଙ୍କୁ, ଯିଏ ଏକ ପୁରୁଣା ଦାବି ଉପସ୍ଥାପନ କରିଥାନ୍ତି, ନିଶ୍ଚିତ ଭାବରେ ବିଳମ୍ବ ଏବଂ ହେଳା କାରଣରୁ ଉପଶମ ଦେବାକୁ ମନା କରାଯାଇପାରିବ । ଯିଏ ନିଜ ଅଧିକାର ଉପରେ ସୁପ୍ତାବସ୍ଥାରେ ଥାଏ, ତାକୁ ନିଶ୍ଚିତ ଭାବେ ଭୋଗିବାକୁ ପଡିବ ।

**୨୭.** **ଚେନ୍ନାଇ ମହାନଗର ଜଳ ଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡ ଏବଂ ଅନ୍ୟମାନେ ବନାମ ଟି. ଟି. ମୁରଲୀ ବାବୁ, (୨୦୧୪) ୪ ଏସ ସି ସି ୧୦୮** ମାମଲାରେ, ଏହି ନ୍ୟାୟାଳୟର ମତ ନିମ୍ନରେ ଦିଆଗଲା -

"୧୩. ପ୍ରଥମେ, ଆମେ ବିଳମ୍ବର ଦିଗକୁ ହାତକୁ ନେବା । ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ବନାମ ବଳୱନ୍ତ ନିୟମିତ ମୋଟର ସେବା, ଅମରାବତୀ ଏବଂ ଅନ୍ୟମାନେ, ଏ ଆଇ ଆର ୧୯୬୯ ଏସ ସି ୩୨୯ ମାମଲାରେ, ନ୍ୟାୟାଳୟ ସେହି ନୀତି ବିଷୟରେ ଉଲ୍ଲେଖ କରିଛନ୍ତି ଯାହା ଲିଣ୍ଡସେ ପେଟ୍ରୋଲିୟମ କୋ. ବନାମ ପ୍ରୋସ୍ପର ଆର୍ମଷ୍ଟ୍ରଙ୍ଗ ହର୍ଡ, ଆବ୍ରାମ ଫେୟାରୱାଲ, ଏବଂ ଜନ୍ କେମ୍ପ, (୧୮୭୪) ୫ ପି ସି ୨୨୧, ରେ ସାର୍ ବାର୍ନସ୍ ପିକକ୍ ଦର୍ଶାଇଛନ୍ତି, ଯାହା ନିମ୍ନଲିଖିତାକାରରେ ଅଛି:-

> "ଅଧୁନା ସାମ୍ୟ ନ୍ୟାୟାଳୟମାନଙ୍କରେ ବିଳମ୍ବ ସମ୍ବନ୍ଧୀୟ ମତବାଦ ଏକ ସ୍ୱେଚ୍ଛାଚାରୀ କିମ୍ବା ବୈଷୟିକ ମତବାଦ ନୁହେଁ । ଯେଉଁଠାରେ କୌଣସି ପ୍ରତିକାର ଦେବା ପ୍ରକୃତ ପକ୍ଷରେ ଅନ୍ୟାୟ ହେବ, କାରଣ ପକ୍ଷ ତା 'ର ଆଚରଣ ଦ୍ୱାରା, ଏପରି କିଛି କରିଛି ଯାହା ଯଥାର୍ଥରେ ଏହାକୁ ତ୍ୟାଗ କରିବା ସହିତ ସମାନ ବୋଲି ବିବେଚନା କରାଯାଇପାରେ, କିମ୍ବା ଯେଉଁଠାରେ ତା'ର ଆଚରଣ ଏବଂ ଅବହେଳା ଦ୍ୱାରା, ଯଦିଓ ସମ୍ଭବତଃ ସେହି ପ୍ରତିକାରକୁ ତ୍ୟାଗ କରିନାହିଁ, ତଥାପି ଅନ୍ୟ ପକ୍ଷକୁ ଏପରି ପରିସ୍ଥିତିରେ ପକେଇଛି ଯେଉଁଥିରେ ତାଙ୍କୁ ରଖିବା ଯୁକ୍ତିଯୁକ୍ତ ହେବ ନାହିଁ ଯଦି ପ୍ରତିକାର ପରେ ଦାବି କରାଯାଏ ଏଥିରୁ କୌଣସି ଏକ ସ୍ଥିତିରେ, ସମୟ ଅତିବାହିତ ହେବା ତଥା ବିଳମ୍ବ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ, ଯଦି ଉପଶମ ବିରୁଦ୍ଧରେ ଏକ ତର୍କ, ଯାହା

ଅନ୍ୟଥା ନ୍ୟାୟସଙ୍ଗତ ହେବ, କେବଳ ବିଳମ୍ବ ଉପରେ ଆଧାରିତ, ଯେ ବିଳମ୍ବ ନିଶ୍ଚିତ ଭାବରେ କୌଣସି ସୀମାବଦ୍ଧତାର ନିୟମ ଦ୍ୱାରା ଏକ ପ୍ରତିବନ୍ଧକ ନୁହେଁ, ସେହି ପ୍ରତିରକ୍ଷାର ବୈଧତା ଯଥେଷ୍ଟ ନ୍ୟାୟସଙ୍ଗତ ବିଧାନ ଉପରେ ବିଚାର କରାଯିବାର ଆବଶ୍ୟକ ଅଛି । ଏହିପରି ମାମଲାରେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଦୁଇଟି ପରିସ୍ଥିତି ହେଉଛି, ବିଳମ୍ବର ଅବଧି ଏବଂ ବ୍ୟବଧାନ ସମୟରେ କରାଯାଇଥିବା କାର୍ଯ୍ୟର ପ୍ରକୃତି, ଯାହା ଉଭୟ ପକ୍ଷକୁ ପ୍ରଭାବିତ କରିପାରେ ଏବଂ ପ୍ରତିକାର ସମ୍ବନ୍ଧରେ ଯେତେଦୂର ସମ୍ଭବ, ଗୋଟିଏ କିମ୍ବା ଅନ୍ୟ ଏକ ମାର୍ଗ ଗ୍ରହଣ କରିବାରେ ନ୍ୟାୟ କିମ୍ବା ଅନ୍ୟାୟର ସନ୍ତୁଳନ ସୃଷ୍ଟି କରେ ।”

୧୫. ଏମ ପି ରାଜ୍ୟ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି ବନାମ ନନ୍ଦଲାଲ ଜୟସୱାଲ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି, ଏ ଆଇ ଆର ୧୯୮୭ ଏସ ସି ୨୫୧, ମାମଲାରେ ନ୍ୟାୟାଳୟ ମତବ୍ୟକ୍ତ କରିଥିଲେ ଯେ ଏହା ଉତ୍ତମ ରୂପେ ସ୍ଥିରୀକୃତ ଯେ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅଧୀନରେ ଏକ ଉପଯୁକ୍ତ ରିଟ ଜାରି କରିବାକୁ ଉଚ୍ଚ ନ୍ୟାୟାଳୟର କ୍ଷମତା ସ୍ୱେଚ୍ଛାକୃତ ଅଟେ ଏବଂ ଉଚ୍ଚ ନ୍ୟାୟାଳୟ ସ୍ୱେଚ୍ଛାକୃତ କ୍ଷମତା ପ୍ରୟୋଗ କରି ସାଧାରଣତଃ ମନ୍ଥର ଏବଂ ଅଳସୁଆ କିମ୍ବା ସମ୍ମତ ଏବଂ ସୁପ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତି ନାହିଁ । ଏଥିରେ ଆହୁରି କୁହାଯାଇଛି ଯେ ଯଦି ଆବେଦନକାରୀ ଆବେଦନ ଦାଖଲ କରିବାରେ ଅତ୍ୟଧିକ ବିଳମ୍ବ କରନ୍ତି ଏବଂ ଏପରି ବିଳମ୍ବର ସନ୍ତୋଷଜନକ ଭାବରେ ବ୍ୟାଖ୍ୟା କରାଯାଇ ନାହିଁ, ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବାକୁ ଏବଂ ଏହାର ରିଟ ଅଧିକାରିତାର ପ୍ରୟୋଗ କରି ଉପଶମ ଦେବାକୁ ମନା କରିପାରନ୍ତି । ବିଳମ୍ବ ଏବଂ ହେଳା ନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେଉଁଥିରେ

କୁହାଯାଇଥିଲା ଯେ ବିଳମ୍ବିତ ପର୍ଯ୍ୟାୟରେ ରିଟ ଅଧିକାରିତା ଅଧୀନରେ ଅସାଧାରଣ ପ୍ରତିକାରର ଆଶ୍ରୟ ନେବା ଦ୍ୱାରା ଦ୍ୱନ୍ଦ୍ୱ ତଥା ସର୍ବସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ ଏବଂ ଅନ୍ୟାୟ ଆଣିପାରେ ।

୧୬. ତେଣୁ, ବିଳମ୍ବ ଏବଂ ହେଳାର ମତବାଦକୁ ତୁଚ୍ଛ ମନେ କରି ହାଲୁକା ଭାବେ ଏଡ଼େଇ ଦେବା ଉଚିତ ନୁହେଁ । ଦିଆଯାଇଥିବା ବ୍ୟାଖ୍ୟା ଏବଂ ଏହାର ଗ୍ରହଣୀୟତା ଉପରେ ବିଚାର କରିବା ପାଇଁ ଏକ ରିଟ ନ୍ୟାୟାଳୟ ପକ୍ଷେ ଆବଶ୍ୟକ । ନ୍ୟାୟାଳୟ ମନେ ରଖିବା ଉଚିତ ଯେ ଏହା ଏକ ଅସାଧାରଣ ଏବଂ ନ୍ୟାୟସଙ୍ଗତ ଅଧିକାରିତାକୁ ପ୍ରୟୋଗ କରୁଛି । ଏକ ସାମ୍ବିଧାନିକ ନ୍ୟାୟାଳୟ ହିସାବରେ ନାଗରିକମାନଙ୍କ ଅଧିକାରର ସୁରକ୍ଷା କରିବା ଏହାର କର୍ତ୍ତବ୍ୟ, କିନ୍ତୁ ଏଥି ସହିତ ପ୍ରାଥମିକ ସିଦ୍ଧାନ୍ତ ତାଳରେ ନିଜକୁ ବଞ୍ଚେଇ ରଖିବା ମଧ୍ୟ ଏହାର କର୍ତ୍ତବ୍ୟ, ଯେ ଯେତେବେଳେ ଜଣେ ପୀଡ଼ିତ ବ୍ୟକ୍ତି, ପର୍ଯ୍ୟାପ୍ତ କାରଣ ବିନା, ନିଜ ଅବସର କିମ୍ବା ଖୁସିରେ ନ୍ୟାୟାଳୟକୁ ଯାଆନ୍ତି, ବିଳମ୍ବିତ ପର୍ଯ୍ୟାୟରେ ମକଦ୍ଦମା / ବିବାଦଗୁଡ଼ିକୁ ଗ୍ରହଣ କରାଯିବା ଉଚିତ କି ନାହିଁ ତାହା ଯାଞ୍ଚ କରିବା ନ୍ୟାୟାଳୟର ବିଧିସଙ୍ଗତ ନୈତିକ ଦାୟିତ୍ୱରେ ରହିବ । ଧ୍ୟାନ ଦିଆଯାଉ, ନ୍ୟାୟ ମାର୍ଗରେ ବିଳମ୍ବ ଆସିଥାଏ । କେତେକ ପରିସ୍ଥିତିରେ ବିଳମ୍ବ ଏବଂ ହେଳା ମାରାତ୍ମକ ହୋଇନପାରେ କିନ୍ତୁ ଅଧିକାଂଶ ପରିସ୍ଥିତିରେ ଅତ୍ୟଧିକ ବିଳମ୍ବ କେବଳ ନ୍ୟାୟାଳୟର ଦ୍ୱାରସ୍ଥ ମକଦ୍ଦମାକାରୀଙ୍କ ପାଇଁ ଦୁର୍ଦ୍ଦଶାକୁ ଆମନ୍ତ୍ରଣ କରିବ । ବିଳମ୍ବ ଜଣେ ମକଦ୍ଦମାକାରୀଙ୍କ ନିଷ୍କର୍ମ ଏବଂ ନିଷ୍କ୍ରିୟତାକୁ ପ୍ରତିଫଳିତ କରେ "ଜଣେ ମକଦ୍ଦମାକାରୀ ଯିଏ ମୌଳିକ ମାନଦଣ୍ଡ ଭୁଲି ଯାଇଛନ୍ତି, ଯଥା, "କାଳକ୍ଷେପଣ ସମୟର ସବୁଠାରୁ ବଡ଼ ଲୁଟେରା" ଏବଂ ଦ୍ୱିତୀୟତଃ, ଜଣକୁ ଫିନିକ୍ସ ପରି ଶୋଇ ରହିବାକୁ ଏବଂ ଉଠି ପଡିବାକୁ ଅନୁମତି ଦିଏ ନାହିଁ । ବିଳମ୍ବ ବିପଦ ମଧ୍ୟକୁ ଟାଣି

ଆଣେ ଏବଂ ମକଦ୍ଦମାକୁ କ୍ଷତ ଦେଇଥାଏ । ........ ଏକ ନ୍ୟାୟାଳୟଠାରୁଏହିପରି ଅଳସୁଆ ଲୋକମାନଙ୍କୁ – ଯେଉଁମାନେ କୁମ୍ଭକର୍ଣ୍ଣ ସହ ପ୍ରତିଯୋଗିତା କରିଥା'ନ୍ତି ବା ସେହି ବିଷୟ ପାଇଁ 'ରିପ ଭ୍ୟାନ ୱିଙ୍କିଲ୍' ସାଜିଥାନ୍ତି – ତୁଷ୍ଟିକରଣ ପ୍ରଦାନ ପ୍ରତ୍ୟାଶା କରାଯାଏ ନାହିଁ । ଆମ୍ଭର ବିଚାରପୂର୍ଣ୍ଣ ମତରେ, ଏପରି ବିଳମ୍ବ ପ୍ରଶୟଯୋଗ୍ୟ ନୁହେଁ ଏବଂ କେବଳ ଏହି ଆଧାରରେ ରିଟ ନ୍ୟାୟାଳୟ ଏହି ଆବେଦନକୁ ଦ୍ୱାରଦେଶରୁ ହିଁ ସୀମା ବାହାରକୁ ଫିଙ୍ଗିଦେବା ଉଚିତ ଥିଲା ।

୨୮. **ଜାମ୍ମୁ ଓ କାଶ୍ମୀର ରାଜ୍ୟ ବନାମ ଆର. କେ. ଜଲପୁରୀ ଏବଂ ଅନ୍ୟମାନେ (୨୦୧୫) ୧୫ ଏସ ସି ସି ୬୦୨** ମାମଲାରେ, ନ୍ୟାୟାଳୟ ସମ୍ମୁଖରେ ବିବାଦ ଆରମ୍ଭ କରିବା ସମୟରେ ଏହି ନ୍ୟାୟାଳୟ ବିଳମ୍ବ ଏବଂ ହେଳା ସହ ସମ୍ପୃକ୍ତ ପ୍ରସଙ୍ଗ ଉପରେ ବିଚାର କରିଥିଲେ । ମତ ଦିଆଯାଇଥିଲା ଯେ ସେଥିରେ ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗକୁ ବିଳମ୍ବ ଏବଂ ହେଳା କାରଣରୁ ଗୁଣବତ୍ତା ଆଧାରରେ ବିବେଚନା କରିବାର ଆବଶ୍ୟକତା ନଥିଲା । ସେଥିରେ ଥିବା ପ୍ରାସଙ୍ଗିକ ପାରାଗୁଡ଼ିକୁ ନିମ୍ନରେ ଉଦ୍ଧୃତ କରାଯାଇଛି-

"୨୭. ପ୍ରତିବାଦୀ ଦ୍ୱାରା ଉଠାଯାଇଥିବା ଅଭିଯୋଗ ଗୁଣବତ୍ତା ଆଧାରରେ ସମ୍ବୋଧିତ ହେବାର ଯୋଗ୍ୟ ନଥିଲା, କାରଣ ମୃତ୍ୟୁର ଶୀତଳତା ପରି ବିଳମ୍ବ ଏବଂ ହେଳାର ମତବାଦ ତାଙ୍କ ଦାବିକୁ ପରିଦର୍ଶନ କରିସାରିଥିଲା ଯାହା କି କାହାକୁ ବି ଛାଡ଼େ ନାହିଁ ଯିଏ ଏହି ଧାରଣାକୁ ପ୍ରୋତ୍ସାହିତ କରନ୍ତି ଏବଂ ଏହି ମନୋବୃତ୍ତିକୁ ପୋଷଣ କରନ୍ତି ଯେ ସେ ମୃତ୍ୟୁକୁ ଏଡ଼ାଇବା ପାଇଁ ଶୋଇପଡିବେ ଏବଂ ଘଟଣାକ୍ରମେ ଘୋଷଣା କରିଦେବେ "ଦେଓ ଗ୍ରାସିୟାସ୍-ଭଗବାନଙ୍କୁ ଧନ୍ୟବାଦ" ।

୨୮. ଆଉ ଏକ ଦିଗ ଉପରେ ମଧ୍ୟ ଦୃଷ୍ଟିନିପାତ କରିବାକୁ ପଡ଼ିବ । ଏକ ରିଟ ଆବେଦନର ନିଷ୍ପତ୍ତି ନେବା ସମୟରେ ରିଟ ନ୍ୟାୟାଳୟ ଦାବି କରିବାର ପ୍ରକୃତି ଏବଂ

ରିଟ ଆବେଦନକାରୀ ତରଫରୁ ଅସ୍ପଷ୍ଟ ବିଳମ୍ବ ପ୍ରତି ସଜାଗ ରହିବା ଆବଶ୍ୟକ । ଯଦି ହସ୍ତକ୍ଷେପ ନ କରିବା ଦ୍ୱାରା ଗୁରୁତର ଅନ୍ୟାୟ ସୃଷ୍ଟି ହେଉ ନ ଥାଏ, ତେବେ ପୁରୁଣା ଦାବିଗୁଡ଼ିକର ବିଚାର କରାଯିବ ନାହିଁ । ବର୍ତ୍ତମାନର ମାମଲା, ଗୁରୁତ୍ୱ ଦେବା ଅନାବଶ୍ୟକ, ବିଚାରର ନିର୍ଣ୍ଣୟର ଯଥାର୍ଥତା ପ୍ରତିପାଦନ କରିନଥିଲା । ଏହାକୁ ପ୍ରଥମରୁ ଦ୍ୱାରଦେଶରୁ ବାହାରକୁ ଫିଙ୍ଗି ଦେବା ଉଚିତ ଥିଲା, କାରଣ ରିଟ ଆବେଦନକାରୀ ଅର୍ଦ୍ଧ ଦଶନ୍ଧି ଧରି ବରଖାସ୍ତ ଆଦେଶକୁ ଗ୍ରହଣ କରି ନେଇଥିଲେ ଏବଂ ଏହି ଭାବନା ପୋଷଣ କରିଥିଲେ ଯେ ସେମାନେ ସମୟକୁ ଜମାଟ କରି ରଖିପାରିବେ ଏବଂ ଚିରଦିନ ପାଇଁ ନିରନ୍ତର ଉପସ୍ଥିତିର କ୍ଷେତ୍ରରେ ରହିପାରିବେ ।

୨୯. **ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଚମନ ରାଣା, (୨୦୧୮) ୫ ଏସ ସି ସି ୭୯୮** ମାମଲାରେ ଉପରୋକ୍ତ ମତକୁ ଏହି ନ୍ୟାୟାଳୟ ଦ୍ୱାରା ଅନୁସରଣ କରାଯାଇଥିଲା ।

୩୦. ପରବର୍ତ୍ତୀ କାଳରେ, ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ବିଚାରପୀଠ **ବରିଷ୍ଠ ଡିଭିଜନାଲ ମ୍ୟାନେଜର, ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ଶ୍ରୀ ଲାଲ ମୀନା, (୨୦୧୯) ୪ ଏସ ସି ସି ୪୭୯** ମାମଲାରେ, ବିଳମ୍ବ ଏବଂ ହେଳାର ନୀତି ବିଚାରକୁ ନେଇ, ଦେଇଥିବା ମତ ନିମ୍ନରେ ଦିଆଯାଇଛି-

> "୩୬. ଆମେ ଏହା ମଧ୍ୟ ପାଇପାରିବା ଯେ ଆବେଦନକାରୀ ବର୍ଷ ବର୍ଷ ଧରି ନୀରବ ରହିଥିଲେ ଏବଂ ଏହି ନ୍ୟାୟାଳୟ, ପରବର୍ତ୍ତୀ କାଳରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ନେଇ, ଶୀଲ କୁମାର ଜୈନ ବନାମ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, (୨୦୧୧) ୧୨ ଏସ ସି ସି ୧୯୭ ମାମଲାରେ, ଆବେଦନକାରୀଙ୍କର ସଦୃଶ, ଏ ଦିଗରେ ବହୁ ଦିନର ରହଣିଆ ଦାବିଗୁଡ଼ିକୁ ଉଠେଇବା ଅଧିକାର ପ୍ରଦାନ କରିବ ନାହିଁ ।

ବାସ୍ତବରେ ଆବେଦନକାରୀ ରାୟ ଶୁଣାଯିବା ପରେ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ଧରି ଏହି ପ୍ରସଙ୍ଗରେ ଶୋଇ ରହିଥିଲେ ।

୩୭. ତେଣୁ, ଆବେଦନକାରୀଙ୍କ ଉଦ୍ୟମ, ଉପଶମ ପାଇଁ ଏହି ନ୍ୟାୟାଳୟକୁ ଯିବା, ଯେପରି ପ୍ରାର୍ଥନା କରାଯାଇଛି, ସ୍ପଷ୍ଟ ଭାବରେ ଏକ ଦୁଃସାହସ, ଯାହା ପ୍ରତ୍ୟାଖ୍ୟାନ ଆଇନ ଅନୁଯାୟୀ ବାଧିତ, ଏବଂ ଆବେଦନ ଖାରଜ ହୋଇଛି ।"

୩୧. **ଭାରତ କୋକିଙ୍ଗ କୋଇଲା ଲିମିଟେଡ ଅନ୍ୟମାନେ ବନାମ ଶ୍ୟାମ କିଶୋର ସିଂ- (୨୦୨୦) ୩ ଏସ ସି ସି ୪୧୧** ମାମଲାରେ, ସେବା ନଥିପତ୍ରରେ ଜନ୍ମ ତାରିଖ ପରିବର୍ତ୍ତନ ପାଇଁ ବିଳମ୍ବରେ ଦାଖଲ ହୋଇଥିବା ଆବେଦନକୁ ଖାରଜ କରିବା ସମୟରେ ବିଳମ୍ବ ଏବଂ ହେଳା ସମ୍ବନ୍ଧୀୟ ପ୍ରସଙ୍ଗ ଏହି ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇଥିଲା ।

୩୨. **ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଏନ୍. ମୁରୁଗେସନ୍ ଏବଂ ଅନ୍ୟମାନେ, (୨୦୨୨) ୨ ଏସ ସି ସି ୨୫** ରେ ବିଳମ୍ବ ଏବଂ ହେଳା ପ୍ରସଙ୍ଗ ଉପରେ ଏହି ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇଥିଲା । ଏହା ପରିଲକ୍ଷିତ ହୋଇଥିଲା ଯେ ଆଇନ ଆବଶ୍ୟକ କରୁଥିବା ଏକ କାର୍ଯ୍ୟ କରିବାରେ ଏକ ପକ୍ଷ ତରଫରୁ କରାଯାଇଥିବା ଅବହେଳା ତାର ଉପଶମ କିମ୍ବା ପ୍ରତିକାର ପାଇବାର ବାଟ ଓଗାଳିବ । ନ୍ୟାୟାଳୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ଧାର୍ଯ୍ୟ କରିଥିଲେ, ଯଥା, ପ୍ରଥମତଃ, ବିଳମ୍ବର ଅବଧି ଏବଂ ଦ୍ୱିତୀୟତଃ, ମଧ୍ୟବର୍ତ୍ତୀ କାଳର ବିକାଶଗୁଡିକ । ପ୍ରତିକାରର ଲାଭ ଉଠାଇବାରେ ବିଳମ୍ବ କରିବା ସେହି ଅଧିକାରକୁ ତ୍ୟାଗ କରିବା ସମତୁଲ୍ୟ ହେବ । ଉପରୋକ୍ତ ମାମଲାର ପ୍ରାସଙ୍ଗିକ ଅନୁଚ୍ଛେଦ ୨୦ ରୁ ୨୨ ନିମ୍ନରେ ଉଦ୍ଧୃତ ହୋଇଛି:

"୨୦. ବିଳମ୍ବ, ହେଳା ଏବଂ ମୌନ ସମ୍ମତି ପରିଚାଳନା କରୁଥିବା ନୀତିଗୁଡିକ ଅନେକ ଉପଲକ୍ଷରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି ଏବଂ ପରସ୍ପର ସଂଯୁକ୍ତ ଥା'ନ୍ତି । ତଥାପି, ସେମାନଙ୍କର ସ୍ୱତନ୍ତ୍ର ଚରିତ୍ର ଏବଂ ସ୍ୱତନ୍ତ୍ର ଉପାଦାନ ଅଛି । ଜଣେ କହିପାରିବ

ଯେ ବିଳମ୍ବ ହେଉଛି ଏକ ପ୍ରଜାତି ଯେଉଁଥିରେ ହେଳା ଏବଂ ମୌନ ସମ୍ମତି ଏହାର ଜାତି । ସେହିପରି, ହେଳାକୁ ଏକ ଜାତିର ଏକ ପ୍ରଜାତି କୁହାଯାଇପାରେ, ଯାହାର ଆଉ ଏକ ନାମ ମୌନ ସମ୍ମତି । ତଥାପି, ଏପରି ଏକ ମାମଲା ହୋଇପାରେ ଯେଉଁଠାରେ ମୌନ ସମ୍ମତି ଜଡ଼ିତ, କିନ୍ତୁ ହେଳା ନୁହେଁ । ଏହି ନୀତିଗୁଡ଼ିକ ହେଉଛି ସାଧାରଣ ଆଇନ ନୀତିସମୂହ, ଏବଂ ସମ୍ଭବତଃ ଜଣେ ଚିହ୍ନଟ କରିପାରିବ ଯେ ଏହି ନୀତିଗୁଡିକ ବିଭିନ୍ନ ଆଇନମାନଙ୍କରେ ସ୍ଥାନ ପାଇଛି ଯାହା ସୀମାବନ୍ଧନ ଅବଧିକୁ ସୀମିତ କରେ ଏବଂ କିଛିଟା ପରିସ୍ଥିତିରେ କ୍ଷମାଦାନରେ ଅଣ-ବିଚାର ସୃଷ୍ଟି କରେ । ଆଇନର କଠୋର ପ୍ରୟୋଗ ଅପେକ୍ଷା ନ୍ୟାୟାଳୟର ବିଜ୍ଞତା ଆବଶ୍ୟକ କରୁଥିବା ଅଭ୍ୟାସ ବାଟରେ ସେଗୁଡିକୁ ଲାଗୁ କରିବା ଅବଶ୍ୟମ୍ଭାବୀ । ଏହି ଧାରଣାଗୁଡ଼ିକୁ ପରିଚାଳନା କରୁଥିବା ଅନ୍ତର୍ନିହିତ ନୀତି ଏକ ପ୍ରକାର ବିବନ୍ଧ ହେବ । ପକ୍ଷପାତର ପ୍ରଶ୍ନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହାକୁ ନ୍ୟାୟାଳୟ ଦ୍ୱାରା ଧ୍ୟାନ ଦେବା ଆବଶ୍ୟକ ।

୨୧. 'ଲାଚେସ୍" ଶବ୍ଦଟି ଫରାସୀ ଭାଷାରୁ ଆସିଛି ଯାହାର ଅର୍ଥ ହେଉଛି "ଅବହେଳା ଏବଂ ଶିଥିଳତା"। ତେଣୁ ଏହା ଅନ୍ୟପକ୍ଷ ପ୍ରତି ପକ୍ଷପାତ ସୃଷ୍ଟି କରୁଥିବାବେଳେ ଏକ ନ୍ୟାୟସଙ୍ଗତ ଉପଶମ ସହିତ ଜଡିତ ଏକ ଦାବିକୁ ଅନୁସରଣ କରିବାରେ ଅଯୌକ୍ତିକ ବିଳମ୍ବ କିମ୍ବା ଅବହେଳାକୁ ଅନ୍ତର୍ଭୁକ୍ତ କରୁଛି । ଅଧିକାର ଦାବି କରୁଥିବା ସମୟରେ, ଆଇନ ଆବଶ୍ୟକ କରୁଥିବା ଏକ କାର୍ଯ୍ୟ କରିବାରେ ଗୋଟିଏ ପକ୍ଷ ତରଫରୁ ଅବହେଳା ଅଟେ, ଏବଂ ତେଣୁ, ପକ୍ଷର ଉପଶମ କିମ୍ବା ପ୍ରତିକାର ପାଇବା ମାର୍ଗରେ ନିଶ୍ଚୟ ଦଣ୍ଡାୟମାନ ହେବ ।

୨୨. ଦେଖିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ହେଉଛି ବିଳମ୍ବର ଅବଧିର ଲମ୍ବ ଏବଂ ବିରତି ସମୟରେ କରାଯାଇଥିବା କାର୍ଯ୍ୟର ପ୍ରକୃତି । ଯେପରି କୁହାଯାଇଛି, ଏହା

ମଧ୍ୟବର୍ତ୍ତୀକାଳୀନ ବିରତିରେ ସ୍ଥିତି ପରିବର୍ତ୍ତନ ବ୍ୟତୀତ ନ୍ୟାୟାଳୟକୁ ଯାଉଥିବା ପକ୍ଷ ତରଫର ସମ୍ମତି ମଧ୍ୟ ଅନ୍ତର୍ଭୁକ୍ତ କରିବ । ତେଣୁ, ଏକ ସାମ୍ୟ ନ୍ୟାୟାଳୟ ପାଇଁ ଏପରି ପକ୍ଷକୁ ପ୍ରତିକାର ପ୍ରଦାନ କରିବା ଅନୁଚିତ ହେବ ଯାହାଙ୍କର କାର୍ଯ୍ୟ ଏପରି ଅଧିକାରର ତ୍ୟାଗକୁ ସୂଚାଉଥିବାବେଳେ ସିଏ ଏହାର ଦ୍ୱାର ଖଟଖଟ କରନ୍ତି । ତାଙ୍କ ଆଚରଣ ଦ୍ୱାରା, ସେ ଅନ୍ୟପକ୍ଷକୁ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ରଖିଛନ୍ତି, ଏବଂ ତେଣୁ, ନ୍ୟାୟାଳୟରେ ଏକ ଆପତ୍ତିକୁ ସୁବିଧା ଦେବା ଅଯୌକ୍ତିକ ହେବ । ତେଣୁ, ସମାନତା ଉପରେ ତାଙ୍କର ଆଚରଣ ପାଇଁ ଦାୟୀ ଜଣେ ବ୍ୟକ୍ତିଙ୍କୁ ପ୍ରତିକାର ପାଇବାକୁ ମଞ୍ଜୁର କରାଯିବ ବୋଲି ଆଶା କରାଯାଏ ନାହିଁ ।"

୩୩. ପରିଶେଷରେ, ପାରା ୩୭ ଏବଂ ୩୮ ରେ, ଏହା ନିମ୍ନମତେ ପରିଲକ୍ଷିତ ହୋଇଥିଲା :

"୩୭. ଆମେ ପୂର୍ବରୁ ଆଇନର ନୀତିଗୁଡ଼ିକ ଉପରେ କାର୍ଯ୍ୟ କରିଛୁ ଯାହା ଏହି ମାମଲା ଉପରେ ପ୍ରଭାବ ପକାଇପାରେ......ବିବାଦ ପ୍ରସଙ୍ଗ ଉଠାଇବାକୁ ଏକ ଅଣବ୍ୟାଖ୍ୟାମୂଳକ ଏବଂ ପୂର୍ବନିର୍ଣ୍ଣିତ ବିମୁଖତା ଥିଲା . . . ...

୩୮. .... ତେଣୁ, ବିଳମ୍ବ, ହେଳାକୁ ନିୟନ୍ତ୍ରଣ କରୁଥିବା ନୀତି ଉପରେ, ....ପ୍ରତିବାଦୀ ସଂଖ୍ୟା ୧ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୬ କୁ ଲାଗୁ କରି କୌଣସି ଉପଶମର ମଞ୍ଜୁରୀ ପ୍ରଦାନ କରାଯିବା ଉଚିତ ନଥିଲା ।"।

୩୪. ଯଦି ଆଇନର ଉପରୋକ୍ତ ନୀତିଗୁଡିକ ପାରା ସଂଖ୍ୟା ୧୨ ରେ ଉପଲବ୍ଧ ତାରିଖ ତାଲିକାର ସାରଣୀରୁ ହାତରେ ଥିବା ମାମଲାର ତଥ୍ୟରେ ପ୍ରୟୋଗ କରାଯାଏ, ଏହା ସୁବିଦିତ ଯେ ଉତ୍ତରଦାତାମାନେ ସେମାନଙ୍କର ଉପଯୁକ୍ତ ପ୍ରତିକାର ପ୍ରାପ୍ତ କରିବା ପାଇଁ ବହୁତ ବିଳମ୍ବ କରିଛନ୍ତି । ଅଧିକାର-ଅଭିଲେଖ ୧୯୬୨ ମସିହାରେ ଚୂଡ଼ାନ୍ତ ହୋଇଥିଲା । ରିଟ୍ ଆବେଦନରେ ସ୍ୱୀକାର କରାଯାଇଥିବା ଅନୁଯାୟୀ, ଏହା ପୂର୍ବରୁ ଉତ୍ତରଦାତା କିମ୍ବା ସତ୍ତ୍ୱାଧିକାରରେ ଥିବା ସେମାନଙ୍କର

ପୂର୍ବାଧିକାରୀମାନଙ୍କ ଦ୍ୱାରା ଆପତ୍ତି ଦାଖଲ କରାଯାଇଥିଲା । ଅଧିକାର-ଅଭିଲେଖ ପ୍ରକାଶ ପାଇବା ପରେ, ୧୯୫୮ ଅଧିନିୟମର ୧୫(b) ଅନୁଯାୟୀ ଚୂଡ଼ାନ୍ତ ପ୍ରତିକାର ହେଲା ପୁନଃନିରୀକ୍ଷଣ, ଯାହା ଏକ ବର୍ଷ ମଧ୍ୟରେ ଦାଖଲ କରାଯିବାର ଥିଲା । କୌଣସି ପ୍ରତିକାରର ଉପଯୋଗ ହୋଇନଥିଲା । ଚୂଡ଼ାନ୍ତ ଅଧିକାର-ଅଭିଲେଖ ହେବାର ପ୍ରାୟ ତିନି ଦଶନ୍ଧି ପରେ, ବନ୍ଦୋବସ୍ତ ଅଧିକାରୀଙ୍କ ସମ୍ମୁଖରେ ଦରଖାସ୍ତ ଦାଖଲ କରାଯାଇଥିଲା, ଯାହା ଚୂଡ଼ାନ୍ତ ଅଧିକାର-ଅଭିଲେଖ ପ୍ରକାଶିତ ହେବା ପରେ ଅନୁରକ୍ଷଣୀୟ ନଥିଲା । ଯେତେବେଳେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା କୌଣସି ଉପଶମ ପ୍ରଦାନ କରାଯାଇନଥିଲା, ୨୦୦୩ ମସିହାରେ ଏକ ଦେୱାନୀ ମକଦ୍ଦମା ଦାୟର କରିବା ପୂର୍ବରୁ ଉତ୍ତରଦାତାମାନେ ୧୩ ବର୍ଷ ଧରି ଚୁପ ରହିଥିଲେ । ୨୦୦୭ ମସିହାରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି ଖାରଜ କରାଯାଇଥିଲା । ଏହି ରିଟ ଆବେଦନ ୨୦୦୮ ମସିହାରେ ଦାୟର କରାଯାଇଥିଲା ଯାହା ବର୍ତ୍ତମାନର ଆବେଦନରେ ବିବାଦର ବିଷୟ ଅଟେ । ଉପରୋକ୍ତ ତଥ୍ୟ ଦର୍ଶାଏ ଯେ ଉପଶମ ଦାବି କରିବା ପାଇଁ ରିଟ ଆବେଦନ ଅଧିକାର-ଅଭିଲେଖ ଚୂଡ଼ାନ୍ତ ହେବାର ୪୬ ବର୍ଷ ପରେ ଦାୟର କରାଯାଇଥିଲା, ଯାହା ଅତ୍ୟଧିକ ବିଳମ୍ବିତ ହୋଇଥିଲା । ତେଣୁ, ଉତ୍ତରଦାତାମାନେ କୌଣସି ଉପଶମ ପାଇବାକୁ ହକଦାର ନଥିଲେ ।

**୨ . ରିଟ ଆବେଦନର ରକ୍ଷଣାବେକ୍ଷଣ ଯେତେବେଳେ ନୂତନ ଭାବରେ ଦାୟର କରିବାର ସ୍ୱାଧୀନତା ବ୍ୟତିରେକ ସମପ୍ରକାର ଉପଶମ ପାଇଁ ଦାଖଲ ହୋଇଥିବା ଦେୱାନୀ ମକଦ୍ଦମା ପ୍ରତ୍ୟାହାର କରାଯାଇଥାଏ ଏବଂ ନ୍ୟାୟାଳୟରୁ ସାରବାନ ତଥ୍ୟ ଲୁଚାଇ ରଖାଯାଇଥାଏ ।**

୩୫. ନଥିରେ ଥିବା ତଥ୍ୟରୁ, ଏହା ସୁବିଦିତ ଯେ ଉତ୍ତରଦାତାମାନେ ଜାନୁୟାରୀ ୨୦୦୩ ରେ ଏକ ଦେୱାନୀ ମକଦ୍ଦମା ଦାୟର କରି ଦାବି କରିଥିଲେ ଯେ ସେଥିରେ ଥିବା ବାଦୀମାନଙ୍କୁ ଜମିର ମାଲିକ ଘୋଷଣା କରାଯିବ ଯାହା ବାଦୀପତ୍ର ସହିତ ସଂଲଗ୍ନ ଅନୁସୂଚୀ 'କ'

ରେ ଉଲ୍ଲେଖ ହୋଇଥିବା ଅନୁଯାୟୀ ୧୯୬୫ ମସିହାରୁ ସେମାନଙ୍କ ପ୍ରତିକୂଳ ଦଖଲରେ ଅଛି । ଦ୍ୱିତୀୟ ପ୍ରାର୍ଥନାଟି ଥିଲା ଯେ ଅନୁସୂଚୀ 'ଖ' ରେ ଉଲ୍ଲେଖ କରାଯାଇଥିବା ଜମିର ଦଖଲରେ ବାଦୀଙ୍କୁ ଆଇନତଃ ମାଲିକ ଘୋଷଣା କରାଯାଉ ଏବଂ ତହିଁରେ ପକ୍ଷ ଥିବା ପ୍ରତିବାଦୀମାନଙ୍କର ବାଦୀଙ୍କର ଶାନ୍ତିପୂର୍ଣ୍ଣ ଭୋଗଦଖଲରେ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ । ଅନୁସୂଚୀ 'ଖ' ରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିରେ ସେହି ସମ୍ପତ୍ତି ଅନ୍ତର୍ଭୁକ୍ତ ଥିଲା ଯାହା ଚୂଡ଼ାନ୍ତ ଅଧିକାର-ଅଭିଲେଖ କରିବା ସମୟରେ ବିଚାରର ବିଷୟ ଥିଲା । ଯାହାର କିଛି ଅଂଶ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆବଣ୍ଟନ କରାଯାଇଥିଲା, ଯାହା ଉପରେ ବହୁ ପୂର୍ବରୁ କର୍ମଚାରୀମାନଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଇଥିଲା ଯେପରି ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ହୋଇଥିବା ତା ୦୧.୦୩.୧୯୯୦ ରିଖର ଆଦେଶରେ ଏହା ଲକ୍ଷ୍ୟ କରାଯାଇଛି ।

୩୬. ଉପରୋକ୍ତ ମକଦ୍ଦମାର ପ୍ରତ୍ୟାହାର ପରେ, ରିଟ ଆବେଦନକାରୀଙ୍କ ମାଲିକାନାରେ ଥିବା ଜମିକୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ କିପରି ଆବଣ୍ଟନ କରାଯାଇଥିଲା ସେ ବିଷୟରେ କାରଣ ଦର୍ଶାଇବା ପାଇଁ ଉତ୍ତରଦାତାମାନଙ୍କୁ ଆହ୍ୱାନ କରି ରିଟ ପିଟିସନ ଦାୟର କରାଯାଇଥିଲା । ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ତା ୦୧.୦୩.୧୯୯୦ ରିଖର ଆଦେଶରେ କରାଯାଇଥିବା ପର୍ଯ୍ୟବେକ୍ଷଣ ଅନୁଯାୟୀ ରିଟ ଆବେଦନକାରୀମାନଙ୍କୁ ସମାନ ଜମି ଆବଣ୍ଟନ କରାଯିବ । ଉପରୋକ୍ତ ଉଭୟ ପ୍ରାର୍ଥନା ପରସ୍ପର ସହ ସଂଶ୍ଳିଷ୍ଟ । ବାସ୍ତବରେ, ଅଧିକାର-ଅଭିଲେଖ ଚୂଡ଼ାନ୍ତ ହେବା ପରେ ପ୍ରକୃତ ବିବାଦ ଆରମ୍ଭ ହୋଇଥିଲା । ରିଟ ପିଟିସନରେ ୦୧.୦୩.୧୯୯୦ ରେ ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶକୁ ଉଲ୍ଲେଖ କରାଯାଇଥିଲା । ଉପରୋକ୍ତ ଆଦେଶର କାର୍ଯ୍ୟକାରିତା, ଯାହା ଦ୍ୱାରା ବାଦୀଙ୍କୁ ସ୍ୱଷ୍ଟତଃ କୌଣସି ଉପଶମ ପ୍ରଦାନ କରାଯାଇ ନଥିଲା, ଯାଚନା କରାଯାଇଥିଲା । ବାସ୍ତବତା ହେଉଛି ଯେ ରିଟ ପିଟିସନ ଦାୟର କରିବା ସମୟରେ, ଏହା ଉଲ୍ଲେଖ କରାଯାଇନଥିଲା ଯେ ରିଟ

ଆବେଦନକାରୀମାନେ ପୂର୍ବରୁ ସମପ୍ରକାର ଉପଶମ ଦାବି କରି ଏକ ଦେୱାନୀ ମକଦ୍ଦମା ଦାୟର କରିଥିଲେ ଯାହାକୁ ନୂଆ ଦାୟର କରିବାର ସ୍ୱାଧୀନତା ଦିଆ ନଯାଇ ଏକପ୍ରକାର ବାଦର କାରଣ ଯୋଗୁଁ ପ୍ରତ୍ୟାହାର କରାଯାଇଥିବାରୁ ଖାରଜ କରାଯାଇଥିଲା ।

୩୭. ଏକ ମକଦ୍ଦମାର ପ୍ରତ୍ୟାହାର ପରେ ସମାନ ଉପଶମ ଦାବି କରି ନୂତନ ମକଦ୍ଦମା ପ୍ରତିଷ୍ଠା କରିବାକୁ ଅନୁମତି ଦେବା ବିନା, ଏକ ରିଟ ପିଟିସନ ନ୍ୟାୟାଳୟରେ ପରିଚାଳନାଯୋଗ୍ୟ ହେବ କି ନାହିଁ, ଏହି ପ୍ରଶ୍ନ ଉପରେ, **ଏମ୍. ଜେ. ଏକ୍ସପୋର୍ଟର୍ସ ପ୍ରାଇଭେଟ ଲିମିଟେଡ ବନାମ ଭାରତ ସଂଘ ଏବଂ ଅନ୍ୟମାନେ (୨୦୨୧) ୧୩ ଏସ ସି ସି ୫୪୩,** ରେ ଏହି ନ୍ୟାୟାଳୟର ରାୟରୁ ମାର୍ଗଦର୍ଶନ ଉପଲବ୍ଧ, ଯେଉଁଥିରେ ଗଠନମୂଳକ ପୂର୍ବ ନ୍ୟାୟ ନୀତିର ପ୍ରୟୋଗ କରାଯାଇଥିଲା । ଏହି ମାମଲା ଜଣେ ଏପରି ବାଦୀଙ୍କ ସହ ଜଡ଼ିତ, ଯିଏ କି ନୂଆ ମାମଲା ଦାୟର କରିବା ପାଇଁ ଅନୁମତି ଦିଆଯାଇନଥିବା ବେଳେ ଦାୟର ହୋଇଥିବା ପୂର୍ବ ରିଟ ପିଟିସନ ପ୍ରତ୍ୟାହାର କରିବା ପରେ ସମାନ ଉପଶମ ମାଗି ଆଉ ଏକ ନୂତନ ରିଟ ପିଟିସନ ଦାୟର କରିବାକୁ ଇଚ୍ଛୁକ ଥିଲେ । ନ୍ୟାୟାଳୟ ମତପୋଷଣ କଲେ ଯେ ସି ପି ସି ର ଆଦେଶ ୨୩, ନିୟମ ୧ ରେ ସନ୍ନିବେଶିତ ଥିବା ନୀତିଗୁଡିକ ରିଟ କାର୍ଯ୍ୟଧାରାରେ ମଧ୍ୟ ପ୍ରଯୋଜ୍ୟ । ସେଥିର ପାରା ୧୫ ନିମ୍ନରେ ଉଦ୍ଧୃତ ହୋଇଛି:

> "୧୫. ଏପରି ପରିସ୍ଥିତିରେ, ଆମ୍ଭେ ଅନୁଭବ କରୁ ଯେ ଯେତେବେଳେ ପ୍ରଥମ ରିଟ ପିଟିସନରେ ଏହି ପ୍ରସଙ୍ଗ ଉଠାଯାଇଥିଲା ଏବଂ ପରିତ୍ୟାଗ କରାଯାଇଥିଲା ଯାହାକୁ ପ୍ରତ୍ୟାହାର କରିନିଆଯାଇଥିବା ହେତୁ ଖାରଜ କରାଯାଇଥିଲା, ଦେୱାନୀ କାର୍ଯ୍ୟବିଧି ସଂହିତା, ୧୯୦୮ ର ଆଦେଶ ୨୩ ର ନିୟମ ୧ ଅଧିନରେ ଯେଉଁ ଗଠନମୂଳକ ପୂର୍ବ ନ୍ୟାୟର ନୀତିସମୂହ ଧାର୍ଯ୍ୟ ହୋଇଛି, ଏବଂ ଯେଉଁଗୁଡିକ ରିଟ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପ୍ରସାରିତ ହେବା ସହ ଏହା ସରଗୁଜା

ପରିବହନ ସେବା ବନାମ ଏସ ଟି ଏ ଟି, (୧୯୮୭) ୧ ଏସ ସି ସି ୫ ରେ ମଧ୍ୟ ଏହା ଦ୍ୱାରା ଅନୁଷ୍ଠିତ ।"

୩୮. ଏମ୍. ଜେ. ଏକ୍ସପୋର୍ଟର୍ସ ପ୍ରାଇଭେଟ ଲିମିଟେଡ (ପୂର୍ବୋକ୍ତ) ରେ ଦିଆଯାଇଥିବା ନୀତିଗୁଡ଼ିକୁ ଧ୍ୟାନରେ ରଖି ଆମ୍ଭ ଦୃଷ୍ଟିରେ, ଗଠନମୂଳକ ପୂର୍ବ ନ୍ୟାୟର ନୀତି ପ୍ରୟୋଗ କରି, ଦେୱାନୀ ମକଦ୍ଦମାର ପ୍ରତ୍ୟାହାର ପରେ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ବର୍ତ୍ତମାନର ରିଟ ପିଟିସନ ଅନୁରକ୍ଷଣୀୟ ନଥିଲା, ଏହି ଅର୍ଥରେ ଯେ ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ । ଯଦି ପ୍ରତିବାଦୀମାନେ ତଥାପି ରିଟ ପିଟିସନ ଦାୟର କରିବାର ଯଥାର୍ଥତା ଦେବାକୁ ଚାହାଁନ୍ତି, ତେବେ ସେମାନେ କମ ସେ କମ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିବା ଉଚିତ ଏବଂ ତା 'ପରେ ରିଟ ପିଟିସନ ଦାୟର କରିବାର ଯଥାର୍ଥତା ଦେବା ଉଚିତ ।

୩୯. ରିଟ ପିଟିସନକୁ ମଧ୍ୟ ସମାନ ଉପଶମ ଦାବି କରୁଥିବା ଦେୱାନୀ ମକଦ୍ଦମା ଦାୟର ଏବଂ ପ୍ରତ୍ୟାହାର ସମ୍ବନ୍ଧୀୟ ସାରବାନ ତଥ୍ୟ ଲୁଚାଇ ରଖିଥିବା ଆଧାରରେ ଖାରଜ କରାଯିବା ଉଚିତ । ରିଟ ପିଟିସନ କିମ୍ବା ରିଟ ପିଟିସନରେ ପାରିତ ଆଦେଶ ବିରୁଦ୍ଧରେ ଦାଖଲ ହୋଇଥିବା ଆବେଦନରେ, ଉତ୍ତରଦାତାମାନେ ଦେୱାନୀ ମକଦ୍ଦମା ଦାୟର ହୋଇଥିବା ଏବଂ ଏହାକୁ ପ୍ରତ୍ୟାହାର କରିବା ବିଷୟରେ ପ୍ରକାଶ କରିନଥିଲେ । ଆବେଦନଟିର ଶୁଣାଣି ସମୟରେ ହିଁ ଏହା କେବଳ ଜଣାପଡ଼ିଲା ।

୪୦. ଏହି ନ୍ୟାୟାଳୟ ଦ୍ୱାରା ବାରମ୍ବାର ଅନେକ ମାମଲାରେ କିପରି ଜଣେ ବାଦୀଙ୍କ ପ୍ରତି, ଯିଏ କି ନ୍ୟାୟାଳୟଙ୍କଠାରୁ ସାରବାନ ତଥ୍ୟକୁ ଲୁଚାଇ ରଖନ୍ତି, କିପରି ଆଚରଣ କରିବାକୁ ହେବ, ତାହା ଅନୁଧ୍ୟାନ କରାଯାଇଛି ଏବଂ ଅନୁରୂପ ମତ ହେଉଛି ଯେ, ସେ ଗୁଣବତ୍ତା ଆଧାରରେ ମଧ୍ୟ ଶୁଣାଣିର ଅଧିକାରୀ ନୁହଁନ୍ତି ।

୪୧. **ଅଭ୍ୟୁଦ୍ୟ ସଂସ୍ଥା ବନାମ ଭାରତ ସଂଘ ଅନ୍ୟମାନେ ମାମଲାରେ, (୨୦୧୧) ୬ ଏସ ସି ସି ୧୪୫,** ଏହି ନ୍ୟାୟାଳୟ, ଆବେଦନକାରୀମାନେ ଯେଉଁମାନେ ସ୍ୱଚ୍ଛ ହାତରେ ନ୍ୟାୟାଳୟକୁ ଯାଇ ନଥିଲେ, ସେମାନଙ୍କୁ ଉପଶମ ପ୍ରତ୍ୟାଖ୍ୟାନ କରୁଥିବାବେଳେ, ନିମ୍ନମତେ ମତ ଦେଇଛନ୍ତି:

> "୧୮. ... ଆମ୍ଭ ମତରେ, ଆବେଦନକାରୀମାନେ ଅନୁପଯୁକ୍ତ ହେବାର ଯୋଗ୍ୟ କାରଣ ସେମାନେ ସ୍ୱଚ୍ଛ ହାତରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇନାହାନ୍ତି । ଆବେଦନକାରୀଙ୍କ ପାଇଁ ଶ୍ରୀମାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଅନିଚ୍ଛାକୃତ ଭୁଲର ଆବେଦନ ଏବଂ ସେମାନଙ୍କର ନିବେଦନ ଯେ ନ୍ୟାୟାଳୟ ନମନୀୟ ଦୃଷ୍ଟିକୋଣ ନେଇପାରନ୍ତି ଏବଂ ପୂର୍ବରୁ ହୋଇଥିବା ପ୍ରବେଶର ନିୟମିତକରଣ ଆଦେଶ ଦେଇପାରନ୍ତି, ଆକର୍ଷଣୀୟ ଲାଗୁଥିଲେ ମଧ୍ୟ ଏହା ଗ୍ରହଣୀୟ ନୁହେଁ । ପ୍ରତ୍ୟେକ ଆବେଦନକାରୀ ସଚେତନ ଭାବରେ ବିବୃତି ଦେଇଥିଲେ ଯେ ଏହାକୁ ଏନ ସି ଟି ଇ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି, ଯାହା ନିଶ୍ଚିତ ଭାବରେ ସୂଚିତ କରେ ଯେ ବିନିୟମ, ୨୦୦୭ ର ବିନିୟମ ୭ ଓ ୮ ସହିତ ପଠିତ ଅଧିନିୟମର ଧାରା ୧୪ ଅନୁଯାୟୀ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଆବେଦନକାରୀମାନଙ୍କ ବ୍ୟାପାର ପରିଚାଳନା କରୁଥିବା ବ୍ୟକ୍ତିମାନେ ନିର୍ଦ୍ଦୋଷ, ନିରକ୍ଷର / ଅଶିକ୍ଷିତ ବ୍ୟକ୍ତିଙ୍କ ବର୍ଗରେ ଅନ୍ତର୍ଭୁକ୍ତ ନୁହଁନ୍ତି, ଯେଉଁମାନେ କି ପ୍ରାସଙ୍ଗିକ ବୈଧାନିକ ବ୍ୟବସ୍ଥା ଅଥବା ନ୍ୟାୟାଳୟ ପ୍ରକ୍ରିୟା ସହିତ ପରିଚିତ ନୁହଁନ୍ତି । ବାସ୍ତବତା ହେଉଛି ଯେ ପ୍ରତ୍ୟେକ ଆବେଦନକାରୀ ବିନିୟମ ୭ ଅନୁଯାୟୀ ଏଲ ପି ଏ ଏସ ଡବ୍ଲ୍ୟୁ ସଂଖ୍ୟା ୮୨/୨୦୧୯ ପୃଷ୍ଠା ୭ ଆବେଦନ ଏବଂ ଡବ୍ଲୁ ଆର ସି, ଭୋପାଳ ଦ୍ୱାରା ଗଠିତ ଦଳ ଦ୍ୱାରା ଯାଞ୍ଚ ପାଇଁ ଏହାକୁ ଉପଲବ୍ଧ କରାଯାଇଥିବା ଦର୍ଶାଏ ଯେ

ସେମାନେ ଏହି ତଥ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ ଯେ ଅଧିନିୟମ ଏବଂ ବିନିୟମରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପୂରଣ କରିବା ପରେ ହିଁ ସେମାନେ ସ୍ୱୀକୃତି ପାଇପାରିବେ ଏବଂ ଡବ୍ଲୁ ଆର ସି, ଭୋପାଳ ସେମାନଙ୍କୁ ସ୍ୱୀକୃତି ପ୍ରଦାନ କରିନଥିଲା । ଏହା ସତ୍ତ୍ୱେ, ସେମାନେ ନିର୍ଭୀକ ବିବୃତି ଦେଇଥିଲେ ଯେ ସେମାନଙ୍କୁ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି ଏବଂ ଏହିପ୍ରକାରେ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକୁ ଆପ୍ୟାୟିତ କରିବାକୁ ଏବଂ ମଧ୍ୟବର୍ତ୍ତୀକାଳୀନ ଆଦେଶମାନ ପାରିତ କରିବା ପାଇଁ ଏହି ନ୍ୟାୟାଳୟକୁ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ । ଆବେଦନକାରୀଙ୍କ ବିଷୟରେ ଅତିକମରେ ଯାହା କୁହାଯାଇପାରିବ ତାହା ହେଉଛି ସେମାନେ ସ୍ୱଚ୍ଛ ହସ୍ତରେ ନ୍ୟାୟାଳୟକୁ ଯାଇ ନାହାଁନ୍ତି ଏବଂ ସ୍ପଷ୍ଟ ଭାବରେ ମିଥ୍ୟା ବିବୃତି ଦେଇ ନ୍ୟାୟର ପ୍ରବାହକୁ ପ୍ରଦୂଷିତ କରିବାରେ ସଫଳ ହୋଇଛନ୍ତି । ତେଣୁ ସେମାନେ ସମ୍ବିଧାନର ଧାରା ୧୩୬ ଅନୁଯାୟୀ ଉପଶମ ପାଇବାକୁ ହକଦାର ନୁହଁନ୍ତି । ଏହି ମତକୁ ଅନେକ ପୂର୍ବ ଦୃଷ୍ଟାନ୍ତମାନଙ୍କରୁ ସମର୍ଥନ ମିଳୁଛି ।

୪୨. **ହରି ନାରାୟଣ ବନାମ ବଦ୍ରି ଦାସ ଏ ଆଇ ଆର ୧୯୬୩ ଏସ ସି ୧୫୫୮, ଜି. ନାରାୟଣସ୍ୱାମୀ ରେଡ୍ଡୀ (ମୃତ) ଦାୟାଦମାନଙ୍କ ଦ୍ୱାରା ଏବଂ ଅନ୍ୟଜଣେ ବନାମ କର୍ଣ୍ଣାଟକ ସରକାର ଏବଂ ଅନ୍ୟଜଣେ (୧୯୯୧) ୩ ଏସ ସି ସି ୨୬୧ ଏବଂ ଅନ୍ୟଜଣେ** ଏବଂ ଅନ୍ୟାନ୍ୟ ଅନେକ ମାମଲାଗୁଡିକରେ, ଏହି ନ୍ୟାୟାଳୟ ଆବେଦନକାରୀ / ଅପିଲକାରୀଙ୍କୁ ଏହି ଆଧାରରେ ଉପଶମ ପ୍ରତ୍ୟାଖ୍ୟାନ କରିଥିଲେ ଯେ ସେ ନ୍ୟାୟାଳୟକୁ ସ୍ୱଚ୍ଛ ହସ୍ତରେ ଆସିନାହାଁନ୍ତି । **ହରି ନାରାୟଣ ବନାମ ବଦ୍ରି ଦାସ (ପୂର୍ବୋକ୍ତ) ମାମଲାରେ,** ନ୍ୟାୟାଳୟ ଅପିଲକାରୀଙ୍କୁ ପ୍ରଦତ୍ତ ଅନୁମତିକୁ ରଦ୍ଦ କରିଥିଲେ ଏବଂ ମନ୍ତବ୍ୟ ଦେଇଥିଲେ:

"ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ସମ୍ବିଧାନର ଅନୁଚ୍ଛେଦ ୧୩୬ ଅଧୀନରେ କରାଯାଇଥିବା ସ୍ୱତନ୍ତ୍ର ଅନୁମତି ଦରଖାସ୍ତଗୁଡିକ ପାଇଁ ସାରବାନ ବିବୃତି ଦେବା ଏବଂ ଆଧାର ପ୍ରସ୍ତୁତ କରିବା ସମୟରେ, ଭୁଲ, ମିଥ୍ୟା କିମ୍ବା ବିଭ୍ରାନ୍ତିକର କୌଣସି ବିବୃତି ନ ଦେବା ପାଇଁ ଯତ୍ନ ନେବାକୁ ପଡିବ । ସ୍ୱତନ୍ତ୍ର ଅନୁମତି ପାଇଁ ଆବେଦନଗୁଡ଼ିକୁ ହାତକୁ ନେବା ସମୟରେ, ନ୍ୟାୟାଳୟ ସ୍ୱାଭାବିକ ଭାବେ ଆବେଦନରେ ଥିବା ତଥ୍ୟ ଏବଂ ତଥ୍ୟର ଆଧାରକୁ ତାହାର ଅଙ୍କିତ ମୂଲ୍ୟରେ ଗ୍ରହଣ କରିଥାନ୍ତି ଏବଂ ଏହା ଏଲ ପି ଏ ଏସ ଡବ୍ଲ୍ୟୁ ସଂଖ୍ୟା ୮୨ / ୨୦୧୯ ପୃଷ୍ଠା ୮ ମିଥ୍ୟା ଏବଂ ବିଭ୍ରାନ୍ତିକର ବିବୃତ୍ତି ଦେଇ ନ୍ୟାୟାଳୟର ବିଶ୍ୱାସକୁ ଧୋକା ଦେବାଟା ଅନ୍ୟାୟ ହେବ । ତେଣୁ, ଯଦି ଆବେଦନ ଶୁଣାଣିରେ ସର୍ବୋଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ସ୍ୱତନ୍ତ୍ର ଅନୁମତି ଆବେଦନରେ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ସାରବାନ ବିବୃତି ଭୁଲ ତଥା ବିଭ୍ରାନ୍ତିକର, ଏବଂ ପ୍ରତିବାଦୀ ଯୁକ୍ତି କରିବାକୁ ହକଦାର ଯେ ଆବେଦନକାରୀ ସ୍ୱତନ୍ତ୍ର ଅନୁମତି ପାଇଁ ଆବେଦନରେ ଥିବା ତଥ୍ୟର ଭୁଲ ଉପସ୍ଥାପନା ବୋଲି ସେ ଯାହା ବର୍ଣ୍ଣନା କରିଛନ୍ତି ତା' ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟରୁ ସ୍ୱତନ୍ତ୍ର ଅନୁମତି ନେଇଥାଇପାରନ୍ତି, ତେବେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଉପସଂହାରକୁ ପହଞ୍ଚି ପାରିବେ ଯେ ଏପରି ଏକ ମାମଲାରେ ଆବେଦନକାରୀଙ୍କୁ ଦିଆଯାଇଥିବା ସ୍ୱତନ୍ତ୍ର ଅନୁମତିକୁ ରଦ୍ଦ କରାଯିବା ଉଚିତ ।"

୪୩. **ଜି. ନାରାୟଣସ୍ୱାମୀ ରେଡ୍ଡୀ ବନାମ କର୍ଣ୍ଣାଟକ ସରକାର ମାମଲା** (ପୂର୍ବୋକ୍ତ), ଏହି ଅଦାଲତ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ସ୍ଥଗିତାଦେଶ ସମ୍ବନ୍ଧୀୟ ତଥ୍ୟକୁ ଧ୍ୟାନରେ ରଖି, ଯାହା ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଭୂମି ଅର୍ଜନ ଅଧିକାରୀଙ୍କ ଦ୍ୱାରା ଅଧିନିର୍ଣ୍ଣୟକୁ ବାରଣ କରିଥିଲା, ତାହା ଲୁଚାଇ ରଖାଯାଇଥିଲା ଏବଂ ଉପରୋକ୍ତ ସନ୍ଦର୍ଭରେ ଏହା ମନ୍ତବ୍ୟ ଦେଇଥିଲା ଯେ

"୨. .... କୌତୁହଳର ବିଷୟ, ସ୍ୱତନ୍ତ୍ର ଅନୁମତି ଆବେଦନରେ କୌଣସି ସ୍ଥଗିତାଦେଶର କିଛି ଉଲ୍ଲେଖ ନାହିଁ ଏବଂ ଆମେ ଏହି ଆଦେଶଗୁଡ଼ିକ ବିଷୟରେ କେବଳ ସେତେବେଳେ ଜାଣିବାକୁ ପାଇଲୁ ଯେତେବେଳେ ଉତ୍ତରଦାତାମାନେ ନୋଟିସର ଜବାବରେ ଉପସ୍ଥିତ ହୋଇଥିଲେ ଏବଂ ସେମାନଙ୍କର ପ୍ରତ୍ୟୋତ୍ତର ଦାଖଲ କରିଥିଲେ । ଆମ ବିଚାରରେ, ଉକ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶଗୁଡ଼ିକର ଉଠାଯାଇଥିବା ପ୍ରଶ୍ନ ଉପରେ ସିଧାସଳଖ ପ୍ରଭାବ ରହିଛି ଏବଂ ଏହାକୁ ପ୍ରକାଶ ନ କରିବା ନିଶ୍ଚିତ ଭାବରେ ସାରବାନ ତଥ୍ୟକୁ ଦମନ କରିବା ସହିତ ସମାନ । କେବଳ ଏହି ଆଧାରରେ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକ ପ୍ରତ୍ୟାଖ୍ୟାନ ହେବା ଆଇନ ଅନୁଯାୟୀ ବାଧ୍ୟ ଅଟେ । ଏହା ଆଇନରେ ଉତ୍ତମରୂପେ ସ୍ଥିର ହୋଇଛି ଯେ ସମ୍ବିଧାନର ଧାରା ୧୩୬ ଅନୁଯାୟୀ ଉପଶମ ସ୍ୱେଚ୍ଛାକୃତ ଏବଂ ଏକ ଆବେଦନକାରୀ ଯିଏ ଏପରି ଉପଶମ ପାଇଁ ଏହି ଅଦାଲତକୁ ଯାଆନ୍ତି, ସେ ତଥ୍ୟର ଖୋଲାଖୋଲି ଏବଂ ସମ୍ପୂର୍ଣ୍ଣ ଖୁଲାସା ସହିତ ଆସିବା ଆବଶ୍ୟକ ଯଦି ସେ ଏପରି କରିବାରେ ବିଫଳ ହୁଅନ୍ତି ଏବଂ ସାରବାନ ତଥ୍ୟକୁ ଦମନ କରନ୍ତି, ତେବେ ତାଙ୍କ ଆବେଦନ ଖାରଜ ହେବାର ଆଇନ ଅନୁଯାୟୀ ବାଧ୍ୟ ଅଟେ । ସେହି ଅନୁଯାୟୀ ଆମେ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରୁଛୁ ।"

୪୪. **ଦଲୀପ ସିଂହ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ (୨୦୧୦) ୨ ଏସ ସି ସି ୧୧୪** ରେ, ଏହି ନ୍ୟାୟାଳୟ ଜୀବନର ମୂଲ୍ୟବୋଧରେ କ୍ରମବର୍ଦ୍ଧିଷ୍ଣୁ ଅବନତି ଲକ୍ଷ୍ୟ କରିଥିଲେ ଏବଂ ମନ୍ତବ୍ୟ ଦେଇଥିଲେ:

"୧. <u>ଅନେକ ଶତାବ୍ଦୀ ଧରି ଭାରତୀୟ ସମାଜ ଜୀବନର ଦୁଇଟି ମୌଳିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲା । "ସତ୍ୟ" (ଟ୍ରୁଥ) ଏବଂ "ଅହିଂସା" (ନନ୍-ଭାଓଲେନ୍ସ) । ମହାବୀର, ଗୌତମ ବୁଦ୍ଧ ଏବଂ ମହାତ୍ମା ଗାନ୍ଧୀ ଏହି ମୂଲ୍ୟବୋଧକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଲୋକମାନଙ୍କୁ ମାର୍ଗଦର୍ଶନ କରିଥିଲେ ।</u>

ସତ୍ୟ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଯାହା ସ୍ୱାଧୀନତା ପୂର୍ବ କାଳରେ ପ୍ରଚଳିତ ଥିଲା ଏବଂ ପରିଣାମ ଯାହା ହେଉ ନା କାହିଁକି ଲୋକମାନେ ନ୍ୟାୟାଳୟକୁ ସତ୍ୟ କହିବା ପାଇଁ ଗର୍ବ ଅନୁଭବ କରୁଥିଲେ । ତେବେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମର ମୂଲ୍ୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଭୌତିକବାଦ ପୁରୁଣା ନୈତିକତାକୁ ଛାୟାବୃତ କରିଛି ଏବଂ ବ୍ୟକ୍ତିଗତ ଲାଭ ପାଇଁ ଅନୁସନ୍ଧାନ ଏତେ ତୀବ୍ର ହୋଇଯାଇଛି ଯେ ମକଦ୍ଦମାରେ ସମ୍ପୃକ୍ତ ବ୍ୟକ୍ତିମାନେ ନ୍ୟାୟାଳୟର କାର୍ଯ୍ୟପ୍ରକ୍ରିୟାରେ ମିଥ୍ୟା, ଭୁଲ ଉପସ୍ଥାପନା ଏବଂ ତଥ୍ୟକୁ ଲୁଚାଇବାର ଆଶ୍ରୟ ନେବାକୁ ଦ୍ୱିଧା କରନ୍ତି ନାହିଁ ।

୨. ଗତ ୪୦ ବର୍ଷ ମଧ୍ୟରେ, ଏକ ନୂତନ ମତବାଦଧର୍ମୀ ମକଦ୍ଦମାକାରୀମାନଙ୍କର ସୃଷ୍ଟି ହୋଇଛି । ଯେଉଁମାନେ ଏହି ଧର୍ମର ସଦସ୍ୟ, ସେମାନଙ୍କର ସତ୍ୟ ପ୍ରତି କୌଣସି ସମ୍ମାନ ନଥାଏ । ସେମାନେ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଲଜ୍ଜାହୀନ ଭାବେ ମିଥ୍ୟା ଏବଂ ଅନୈତିକ ଉପାୟ ଅବଲମ୍ବନ କରିଥାନ୍ତି । ଏହି ନୂତନ ମତବାଦଧର୍ମୀ ମକଦ୍ଦମାକାରୀ ଦ୍ୱାରା ସୃଷ୍ଟି ହୋଇଥିବା ଆପତ୍ତିର ମୁକାବିଲା ଆଦେଶ ପାଇଁ, ନ୍ୟାୟାଳୟମାନେ ସମୟ ସମୟରେ ନୂତନ ନିୟମ ବିକଶିତ କରିଛନ୍ତି ଏବଂ ଏହା ବର୍ତ୍ତମାନ ଭଲ ଭାବରେ ପ୍ରତିଷ୍ଠିତ ହୋଇଛି ଯେ ଜଣେ ମାମଲାକାରୀ, ଯିଏ ନ୍ୟାୟର ପ୍ରବାହକୁ ପ୍ରଦୂଷିତ କରିବାକୁ ଚେଷ୍ଟା କରେ କିମ୍ବା ଯିଏ କଳଙ୍କିତ ହାତରେ ନ୍ୟାୟର ଶୁଦ୍ଧ ଝରକୁ ସ୍ପର୍ଶ କରେ, ସେ କୌଣସି ଉପଶମ, ମଧ୍ୟବର୍ତ୍ତୀକାଳୀନ ହେଉ ବା ଅନ୍ତିମ, ପାଇବାକୁ ହକଦାର ନୁହଁନ୍ତି । " (ଗୁରୁତ୍ୱ ପ୍ରଦାନ କରାଗଲା)

୪୫. **ମୋତି ଲାଲ୍ ସୋଙ୍ଗାରା ବନାମ ପ୍ରେମ ପ୍ରକାଶ ଓରଫ ପପ୍ପୁ ଏବଂ ଅନ୍ୟଜଣେ (୨୦୧୩) ୯ ଏସ ସି ସି ୧୯୯** ମାମଲାରେ, ଏହି ନ୍ୟାୟାଳୟ, ନ୍ୟାୟାଳୟ ସମ୍ମୁଖରେ ତଥ୍ୟ ଲୁଚାଇବା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ବିଚାର କରି ମତବ୍ୟକ୍ତ କରିଥିଲେ ଯେ " ନ୍ୟାୟାଳୟ ଏକ ପରୀକ୍ଷାଗାର ନୁହେଁ ଯେଉଁଠାରେ ପିଲାମାନେ ଖେଳିବାକୁ ଆସନ୍ତି", ଏବଂ ନିମ୍ନମତେ ମତ ଦେଲେ :

"୧୯. ନିବେଦନ କରିବାର ଦ୍ୱିତୀୟ ଆଧାର ହେଉଛି ପ୍ରାପ୍ୟ ତଥ୍ୟମୂଳକ ଛାଞ୍ଚ ଅଭିଯୁକ୍ତ-ଉତ୍ତରଦାତାଙ୍କୁ ମୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ

ଆଇନରେ ନ୍ୟାୟସଙ୍ଗତ କି । ଆମେ ସ୍ୱଷ୍ଟ ଭାବେ କହିଛୁ ଯେ ଯଦିଓ ପ୍ରତିବାଦୀ ଏହି ତଥ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ ଯେ ମାନ୍ୟବର ବିଚାରପତି ତାଙ୍କ ବିରୋଧରେ ଅଭିଯୋଗ ଗଠନ କରିଥିଲେ,ତଥାପି ସେ ସଂଜ୍ଞାନ ଆଦେଶ ବିରୁଦ୍ଧରେ ପୁନଃନିରୀକ୍ଷଣ ଶୁଣାଣି କରୁଥିବା ଅଦାଲତଙ୍କ ଦୃଷ୍ଟିକୁ ଆଣିନଥିଲେ । ଏହା ଲୁଚାଇବାର ଏକ ସ୍ୱଷ୍ଟ ମାମଲା । ଏହା ଅଭିଯୁକ୍ତର ସ୍ୱତନ୍ତ୍ର ଜ୍ଞାନ ମଧ୍ୟରେ ଥିଲା । ଯେ କେହି ଯିଏ ଆଇନ ଅଦାଲତରେ ଗୋପନ ରଖିବା ପଦ୍ଧତିର ଆଶ୍ରୟ ନିଅନ୍ତି, ବାସ୍ତବରେ, ଅଦାଲତ ସହିତ ପ୍ରତାରଣା କରୁଛନ୍ତି ଏବଂ ସେହି ସିଦ୍ଧାନ୍ତ ସାପ୍ରେସିଓ ଭେରି, ଏକ୍ସପ୍ରେସନ ଫୈସି, ଅର୍ଥାତ୍, ସତ୍ୟର ଦମନ ମିଥ୍ୟା ଅଭିବ୍ୟକ୍ତି ସହିତ ସମାନ, ଏହା ଆକର୍ଷଣ ହେଉଛି । ଆମେ ଏପରି କହିବାକୁ ବାଧ୍ୟ, କାରଣ ପୁନଃନିରୀକ୍ଷଣ ଅଦାଲତ ସମ୍ମୁଖରେ ଏହି ତଥ୍ୟକୁ ଏକ ସୁଚିନ୍ତିତ ଉପାୟରେ ଲୁଚାଇ ରଖାଯାଇଛି । ଏହା ନିଶ୍ଚିତ ଭାବରେ କୁହାଯାଇପାରିବ ଯେ ଅଭିଯୁକ୍ତ-ପ୍ରତିବାଦୀ ଏପରି ତଥ୍ୟଗତ ଗୋପନୀୟତା ଦ୍ୱାରା ଲାଭ ହାସଲ କରିବାକୁ ଚେଷ୍ଟା କରିଥିଲେ । ଜାଲିଆତି ଉଦ୍ଦେଶ୍ୟ ଏକଦମ ସ୍ୱଷ୍ଟ । ବାସ୍ତବରେ, ସେ ତାଙ୍କର ଅଜ୍ଞାନତାର ସାହସ ପ୍ରଦର୍ଶନ କରିଛନ୍ତି ଏବଂ ପୋସମ ଭଳିଆ ବାହାନା କରିଛନ୍ତି ।

୨୦. ଯେପରି ଆମେ ଦେଖିଛୁ, ଉଚ୍ଚ ନ୍ୟାୟାଳୟ ଏହି ନୀତିକୁ ଲାଗୁ କରିଥିଲେ, "ଯେତେବେଳେ ଭିତ୍ତିଭୂମି ଭୁଶୁଡ଼ି ପଡ଼ିବ, ଉପର ଢାଞ୍ଚା ନିଶ୍ଚୟ ଭୁଶୁଡ଼ି ପଡ଼ିବ । "ତଥାପି, ଯେହେତୁ ପ୍ରତାରଣାର ଅଭ୍ୟାସ କରି ଏବଂ ଲାଭ ପାଇବା ପାଇଁ ଆଇନ ଅଦାଲତ ସମ୍ମୁଖରେ ସାରବାନ ତଥ୍ୟକୁ ଗୋପନ ରଖି ଆଦେଶ ପ୍ରାପ୍ତ କରାଯାଇଇଛି, ଉକ୍ତ ଆଦେଶକୁ ଅନୁମତି ଦିଆଯାଇପାରିବ ନାହିଁ ।"

(ଗୁରୁତ୍ୱ ପ୍ରଦାନ କରାଗଲା)

୪୬. ନିକଟରେ ଏକ ରାୟରେ, **ଏ ବି ସି ଡି ବନାମ ଭାରତ ସଂଘ ଏବଂ ଅନ୍ୟମାନେ (୨୦୨୦) ୨ ଏସ ସି ସି ୫୨,** ଏହି ଅଦାଲତ ଏକ ମାମଲାରେ ଯେଉଁଠାରେ ସାରବାନ ତଥ୍ୟ ଲୁଚାଇ ରଖାଯାଇଥିଲା,ଏଥିରେ ଆବେଦନକାରୀଙ୍କୁ ନୋଟିସ୍ ଜାରି କରିବା ସମୟରେ, ଏହାର ସ୍ୱତଃପ୍ରବୃତ୍ତ ଅଦାଲତ ଅବମାନନା କ୍ଷମତା ପ୍ରୟୋଗ କରି, ନିମ୍ନମତେ ଅବଲୋକନ କରିଥିଲେ:

"**୧୫.** ଶପଥ ଉପରେ ମିଥ୍ୟା ବିବୃତି ଦେବା ଆଇ ପି ସି ର ଦଫା ୧୮୧ ଅନୁଯାୟୀ ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ସରକାରୀ କର୍ମଚାରୀଙ୍କୁ ଅନ୍ୟ ବ୍ୟକ୍ତିଙ୍କ ଆଘାତ ପାଇଁ ତାଙ୍କର ଆଇନଗତ କ୍ଷମତା ବ୍ୟବହାର କରିବାକୁ ଉଦ୍ଦେଶ୍ୟ ରଖି ମିଥ୍ୟା ସୂଚନା ପ୍ରଦାନ କରିବା ଆଇ ପି ସି ର ଦଫା ୧୮୨ ଅନୁଯାୟୀ ଦଣ୍ଡନୀୟ । ସଂହିତାର ଦଫା ୧୯୫ (୧) (a) (i) ଅନୁଯାୟୀ ଏହି ଅପରାଧଗୁଡ଼ିକ କୌଣସି ଅଦାଲତ ଦ୍ୱାରା କେବଳ ଉକ୍ତ ଦଫାରେ ପ୍ରକାଶିତ ଭାବରେ ଉପଯୁକ୍ତ ଅଭିଯୋଗ ଉପରେ ସଂଜ୍ଞାନ ନିଆଯାଇପାରିବ । ସଂହିତାର ଦଫା ୧୯୫ (୧) (b) (i) ଅଧୀନରେ ଆସୁଥିବା ମାମଲା ସମ୍ବନ୍ଧରେ, **ପୁଷ୍ପଦେବୀ ଏମ୍. ଜାଟିଆ ବନାମ ଏମ.ଏଲ. ୱାଧୱାନ ଇତ୍ୟାଦି, (୧୯୮୭) ୩ ଏସ ସି ସି ୩୬୭** ଏହି ଅଦାଲତ ଦ୍ୱାରା ପ୍ରଥମ ଦୃଷ୍ଟିଗତ ସନ୍ତୋଷ ଲିପିବଦ୍ଧ କରାଯିବାପରେ ମକଦ୍ଦମା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

୪୭. **ଚନ୍ଦ୍ର ଶଶି ବନାମ ଅନିଲ କୁମାର ବର୍ମା (୧୯୯୫) ୧ ଏସ ସି ସି ୪୨୧** ମାମଲାରେ ମଧ୍ୟ ଏହି ଅଦାଲତ ଦ୍ୱାରା ଏହା ସ୍ଥିର କରାଯାଇଛି ଯେ ଜଣେ ବ୍ୟକ୍ତି ଯିଏ ଏକ ଅଦାଲତକୁ ପ୍ରତାରଣା କରିବାର ପ୍ରୟାସ କରେ, ନ୍ୟାୟ ପ୍ରଶାସନରେ ହସ୍ତକ୍ଷେପ କରେ ଏବଂ ନ୍ୟାୟାଳୟର ଅବମାନନା ପାଇଁ ଦୋଷୀ ସାବ୍ୟସ୍ତ ହୋଇପାରେ । ଏହି ମାମଲାରେ, ଜଣେ ସ୍ୱାମୀ ଯିଏ ବୈବାହିକ କାର୍ଯ୍ୟାନୁଷ୍ଠାନର ସ୍ଥାନାନ୍ତର ପାଇଁ ତାଙ୍କ ପତ୍ନୀଙ୍କ ପ୍ରାର୍ଥନାକୁ ବିରୋଧ କରିବା ପାଇଁ ଏକ ମନଗଢ଼ା ଦଲିଲ ଦାଖଲ କରିଥିଲେ, ତାଙ୍କୁ ନ୍ୟାୟାଳୟର ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଦୁଇ ସପ୍ତାହ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହା ନିମ୍ନମତେ ପରିଲକ୍ଷିତ କରାଯାଇଥିଲା:

"**୧.** ନ୍ୟାୟର ପ୍ରଶାସନ ପ୍ରବାହକୁ ଅପ୍ରଦୂଷିତ ରଖିବାକୁ ପଡିବ ଯାହା ଦ୍ୱାରା ନ୍ୟାୟାଳୟର ବାତାବରଣର ଶୁଦ୍ଧତା ରାଜ୍ୟର ସମସ୍ତ ଅଙ୍ଗକୁ ଜୀବନଶକ୍ତି ଦେଇପାରିବ । ତେଣୁ, ନ୍ୟାୟିକ କ୍ଷେତ୍ରରେ ପ୍ରଦୂଷକମାନେ ଯେପରି ନ୍ୟାୟାଳୟର ପରିବେଶର ଉତ୍କୃଷ୍ଟତା ବଜାୟ ରଖିବେ ସେଥିପାଇଁ ଭଲ ଯତ୍ନ ନିଆଯିବା

ଆବଶ୍ୟକ; ଏଥିସହ ନ୍ୟାୟିକ ପରିଚାଳନାକୁ ନ୍ୟାୟସଙ୍ଗତ କରିବା ତଥା ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ତୋଷ ପାଇଁ ସକ୍ଷମ କରିବା ମଧ୍ୟ ଆବଶ୍ୟକ ।

୨ . ଯିଏ ପ୍ରତାରଣା ଆଶ୍ରୟ ନିଅନ୍ତି, ସେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନର ଧାରାରୁ ବିଚ୍ୟୁତ ହୁଅନ୍ତି; କିମ୍ବା ଯଦି କିଛି ତିର୍ଯ୍ୟକ ଉଦ୍ଦେଶ୍ୟ ସହିତ କରାଯାଏ, ତେବେ ତାହା ନ୍ୟାୟ ପ୍ରଶାସନରେ ହସ୍ତକ୍ଷେପ କରିଥାଏ । ଏପରି ବ୍ୟକ୍ତିମାନଙ୍କ କ୍ଷେତ୍ରରେ, କେବଳ ଯେ ଭୁଲ କାର୍ଯ୍ୟ ପାଇଁ ସେମାନଙ୍କୁ ଦଣ୍ଡ ଦିଆଯିବ ତାହା ନୁହେଁ, ନ୍ୟାୟିକ ପ୍ରଶାସନ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସକୁ ଦୋହଲାଇ ଦେଉଥିବା ସମାନ କାର୍ଯ୍ୟରେ ଲିପ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ସମପ୍ରକାର କାର୍ଯ୍ୟରୁ ନିବୃତ୍ତ କରାଇବା ପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ ।

x x x

୧୪. ତେଣୁ ଆଇନଗତ ସ୍ଥିତି ହେଉଛି ଯେ ଯଦି ପ୍ରକାଶନ ଅଦାଲତକୁ ପ୍ରତାରଣା କରିବା ଉଦ୍ଦେଶ୍ୟରେ କିମ୍ବା ଠକେଇ କରିବା ଉଦ୍ଦେଶ୍ୟରେ କରାଯାଇଥାଏ, ତେବେ ସମପ୍ରକାର ଅବମାନନା ହେବ, ଯେହେତୁ ଏହା ନ୍ୟାୟ ପ୍ରଶାସନରେ ହସ୍ତକ୍ଷେପ କରିବ । ଏହା, ଯେକୌଣସି ପରିସ୍ଥିତିରେ, ଏପରି ହିଁ ହେବ ଯଦି ଏକ ମନଗଢ଼ା ଦଲିଲ ଉପରୋକ୍ତ ମନ୍ଦ ଉଦ୍ଦେଶ୍ୟ ସହ ଦାଖଲ କରାଯାଏ । ଅଧୁନା ହସ୍ତଗତ ହୋଇଥିବା ମାମଲାରେ ମନଗଢ଼ା ଦଲିଲ ଅଦାଲତକୁ ପ୍ରତାରଣା କରିବା ପାଇଁ ଦିଆଯାଇଥିଲା; ଠକେଇ କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ଅଟେ । ତେଣୁ ଅନିଲ କୁମାର ଅଦାଲତର ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।

୪୮. **କେ.ଡି. ଶର୍ମା ବନାମ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ଅନ୍ୟମାନେ** (୨୦୦୮) ୧୨ ଏସ ସି ସି ୪୮୧ ରେ ଏହା ପର୍ଯ୍ୟବେକ୍ଷଣ କରାଯାଇଥିଲା:

"୩୯. ଯଦି **କେନ୍ସିଙ୍ଗଟନ୍ ଆୟକର ଆୟୋଗ, (୧୯୧୭) ୧ କେ ବି ୪୮୬ ୮୬ ଏଲ ଜେ କେ ବି ୨୫୭ : ୧୧୬ ଏଲ ଟି ୧୩୬ (ସି ଏ)** ରେ ଦୃଷ୍ଟିଗୋଚର ହୋଇଥିବା ପ୍ରାଥମିକ ଉଦ୍ଦେଶ୍ୟକୁ ଧ୍ୟାନରେ ରଖି, ଜଣେ

ଦରଖାସ୍ତକାରୀ ଯିଏ ସ୍ୱଷ୍ଟ ତଥ୍ୟ ଏବଂ "ଅପରାଧ ସ୍ୱୀକାରୋକ୍ତି" ମନୋବୃତ୍ତିରେ ଆସନ୍ତି ନାହିଁ, ସେ "କର୍ଦ୍ଦମ ହସ୍ତ" ରେ ନ୍ୟାୟାଳୟର ରିଟ୍ ଧରିପାରିବେ ନାହିଁ । ସାରବାନ ତଥ୍ୟକୁ ଚପେଇ ରଖିବା କିମ୍ବା ଲୁଚାଇ ରଖିବା କୌଣସି ଓକିଲାତି ନୁହେଁ । ଏହା ଏକ ହାତ ସଫେଇର କୌଶଳ, କାରସାଦି, ଚାଲ ବା ମିଥ୍ୟା ଉପସ୍ଥାପନା ଯାହାର ନ୍ୟାୟସଙ୍ଗତ ଏବଂ ବିଶେଷାଧିକାର ଅଧିକାରିତା କ୍ଷେତ୍ରରେ କୌଣସି ସ୍ଥାନ ନାହିଁ । ଯଦି ଦରଖାସ୍ତକାରୀ ସମସ୍ତ ସାରବାନ ତଥ୍ୟକୁ ନ୍ୟାୟସଙ୍ଗତ ଭାବେ ଏବଂ ସତ୍ୟ ରୂପେ ପ୍ରକାଶ କରନ୍ତି ନାହିଁ,ବରଂ ସେଗୁଡ଼ିକୁ ବିକୃତ ଢଙ୍ଗରେ ପ୍ରକାଶ କରନ୍ତି ଏବଂ ଅଦାଲତକୁ ବିଭ୍ରାନ୍ତ କରନ୍ତି, ନିଜକୁ ସୁରକ୍ଷିତ ରଖିବା ପାଇଁ ଏବଂ ଏହାର ପ୍ରକ୍ରିୟାର ଅପବ୍ୟବହାରକୁ ରୋକିବା ପାଇଁ ସର୍ତ୍ତାଧୀନ ଆଦେଶକୁ କାର୍ଯ୍ୟକାରୀ କରିବା ଏବଂ ଗୁଣବତ୍ତା ଆଧାରରେ ମାମଲାର ଯାଞ୍ଚକୁ ଆଗକୁ ବଢ଼ାଇବାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନ୍ୟାୟାଳୟର ଅନ୍ତର୍ନିହିତ କ୍ଷମତା ରହିଛି । ଯଦି ନ୍ୟାୟାଳୟ ସେହି ଆଧାରରେ ଆବେଦନକୁ ପ୍ରତ୍ୟାଖ୍ୟାନ ନ କରନ୍ତି, ତେବେ ନ୍ୟାୟାଳୟ ନିଜର କର୍ତ୍ତବ୍ୟରେ ବିଫଳ ହେବେ । ବାସ୍ତବରେ, ଅଦାଲତ ପ୍ରକ୍ରିୟାର ଅପବ୍ୟବହାର ପାଇଁ ଏପରି ଜଣେ ଦରଖାସ୍ତକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବା ଆବଶ୍ୟକ ।”

୪୯. **ଧନଞ୍ଜୟ ଶର୍ମା ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ (୧୯୯୫) ୩ ଏସ ସି ସି ୭୫୭** ରେ, ଏକ ମିଥ୍ୟା ସତ୍ୟପାଠ କରିବା ଅଦାଲତ ଅବମାନନା ଅଧିକାରିତା କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଆଧାର ଥିଲା ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଏଥିପାଇଁ ଦଣ୍ଡିତ କରାଯାଇଥିଲା ।

୫୦. ଯଦି ଉତ୍ତରଦାତାମାନଙ୍କ ମାମଲା ଆଇନର ସ୍ଥିରୀକୃତ ସ୍ଥିତିକୁ ଦୃଷ୍ଟିରେ ରଖି ବାସ୍ତବ ତଥ୍ୟ ଉପରେ ବିଚାର କରାଯାଏ, ଯେପରି ପୂର୍ବ ପାରାରେ ଉଲ୍ଲେଖ କରାଯାଇଛି,ଏହା ସ୍ପଷ୍ଟ ଯେ ଉତ୍ତରଦାତାମାନେ ଅଧିକାର – ଅଭିଲେଖ, ଯାହା ୧୯୬୨ ମସିହାରେ ଚୂଡ଼ାନ୍ତ ହୋଇଥିଲା, ଏହାକୁ ଆପତ୍ତି କରିବାର ସେମାନଙ୍କର ଅଧିକାରକୁ ପରିତ୍ୟାଗ କରିଥିଲେ, ଏବଂ ଆଜି ପର୍ଯ୍ୟନ୍ତ ଏହା ବିରୋଧରେ କୌଣସି ଆପତ୍ତି କରାଯାଇ ନାହିଁ । ବନ୍ଦୋବସ୍ତ ଅଧିକାରୀଙ୍କ ସମ୍ମୁଖରେ ଆବେଦନ ଦାଖଲପୂର୍ବକ ପରୋକ୍ଷ ଭାବରେ ଉପଶମ ମଗାଯାଇଥିଲା, ଯାହା ରକ୍ଷଣୀୟ ନଥିଲା; ଦେୱାନୀ ମକଦ୍ଦମା ଯାହା ପରିଶେଷରେ ପ୍ରତ୍ୟାହାର କରାଯାଇଥିଲା ଏବଂ ତା'ପରେ ରିଟ ଆବେଦନ ଦାଖଲ ହେଲା ଏବଂ ତା'ପରେ ରିଟ ଅପିଲ କରାଗଲା ଯାହା ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନର ବିଷୟବସ୍ତୁ ଅଟେ ।

### ୩. <u>କୌଣସି ପକ୍ଷ ସରକାରଙ୍କ ନଥିରେ ଥିବା ଟିପ୍ପଣୀ – ଲିଖନର ଆଧାରରେ କୌଣସି ଆଦେଶର ଯୋଗାଯୋଗ ନ କରି ଏହା ଉପରେ ନିର୍ଭର କରିପାରିବ କି?</u>

୫୧. ଉପରୋକ୍ତ ଆଇନଗତ ପ୍ରସଙ୍ଗଟି **ମହାଦେଓ ଏବଂ ଅନ୍ୟମାନେ ବନାମ ସୋଭନ ଦେବୀ ଏବଂ ଅନ୍ୟମାନେ, (୨୦୨୨) ଏସ ସି ସି ଅନଲାଇନ ଏସ ସି ୧୧୧८** ମାମଲାରେ ଏହି ନ୍ୟାୟାଳୟ ଦ୍ଵାରା ବିଚାର କରାଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଯେ ଏକ ଆନ୍ତଃ ବିଭାଗୀୟ ଯୋଗାଯୋଗ କେବଳ ଏକ ଉପଯୁକ୍ତ ନିର୍ଣ୍ଣୟ ପାଇଁ ବିଚାର ପ୍ରକ୍ରିୟା ଅଟେ । କୌଣସି ଅଧିକାର ଦାବି କରିବା କରିବାର ଆଧାର ଭାବେ ଏଗୁଡ଼ିକ ଉପରେ ନିର୍ଭର କରାଯାଇପାରିବ ନାହିଁ । ନଥିରେ କେବଳ ଟିପ୍ପଣୀ ଲିଖନଗୁଡିକ ଏକ ଆଦେଶକୁ ବୁଝାଏ ନାହିଁ ଯେ ପର୍ଯ୍ୟନ୍ତ ଏକ ଆଦେଶ ଏକ ପକ୍ଷକୁ ସୂଚିତ ନ କରାଯାଇଛି, ତେଣୁ କୌଣସି ଅଧିକାର ଅର୍ଜିତ ହେଉ ନାହିଁ । ପ୍ରାସଙ୍ଗିକ ଅନୁଚ୍ଛେଦ ୧୪ ରୁ ୧୬ ନିମ୍ନରେ ଉଦ୍ଧୃତ ହୋଇଛି:

"୧୪. ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ଆନ୍ତଃବିଭାଗୀୟ ଯୋଗାଯୋଗଗୁଡ଼ିକ ଉପଯୁକ୍ତ ନିର୍ଣ୍ଣୟ ପାଇଁ ବିଚାର ପ୍ରକ୍ରିୟା ଅଟେ ଏବଂ କୌଣସି ଅଧିକାର ଦାବି କରିବା ପାଇଁ ଏକ ଆଧାର ଭାବରେ ନିର୍ଭର କରାଯାଇପାରିବ ନାହିଁ । ଏହି *ଅଦାଲତ ଓମକାର ସିହ୍ନା ବନାମ ସହାଦତ ଖାନ, (୨୦୨୨) ୧୨ ଏସ ସି ସି ୨୨୮* ଭାବରେ ରିପୋର୍ଟ ହୋଇଥିବା ଏକ ରାୟରେ ଉକ୍ତ ପ୍ରଶ୍ନକୁ ଯାଞ୍ଚ କରିଥିଲେ । କେବଳ ନଥିରେ କିଛି ଲେଖିବା ଏକ ଆଦେଶ ନୁହେଁ ବୋଲି ରାୟ ଦେବା ପାଇଁ *ବଚିତ୍ତର ସିଂ ବନାମ ପଞ୍ଜାବ ରାଜ୍ୟ, ଏ ଆଇ ଆର ୧୯୬୩ ଏସ ସି ୩୯୫* ଉପରେ ଭରସା ରଖାଯାଇଥିଲା । ରାଜ୍ୟ ସରକାରଙ୍କ ଆଦେଶର ଅର୍ଥ କିଛି ହେବା ପୂର୍ବରୁ, ଦୁଇଟି ଜିନିଷ ଆବଶ୍ୟକ । ପ୍ରଥମତଃ, ଅନୁଚ୍ଛେଦ ୧୬୬ (୧) ଅନୁଯାୟୀ ରାଜ୍ୟପାଳଙ୍କ ନାମରେ ଆଦେଶ ପ୍ରକାଶ କରିବାକୁ ପଡ଼ିବ ଏବଂ ଦ୍ୱିତୀୟତଃ, ଏହା ଜଣାଇବାକୁ ପଡ଼ିବ । ଯେପରି ପୂର୍ବରୁ ସୂଚିତ ହୋଇଛି, ରାଜସ୍ୱ ସଚିବଙ୍କ ନିର୍ଣ୍ଣୟ ସଂଶୋଧନ କରି କୌଣସି ଆନୁଷ୍ଠାନିକ ଆଦେଶ କେବେ କରାଯାଇ ନଥିଲା । ଏପରି ଏକ ଆଦେଶ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ, ରାଜ୍ୟ ସରକାର, ଆମ୍ଭ ମତରେ, ନଥିରେ ଯାହା କୁହାଯାଇଛି ତାହା ଦ୍ୱାରା ଆବଦ୍ଧ ବୋଲି ମତ କରାଯାଇପାରିବ ନାହିଁ । ଉକ୍ତ ରାୟକୁ *କେ.ଏସ.ବି. ଅଲ୍ଲୀ ବନାମ ଆନ୍ଧ୍ର ରାଜ୍ୟ,* (୨୦୧୮) ୧୧ ଏସ ସି ସି ୨୭୭ ଏବଂ *ଡାଇନା ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ବନାମ କ୍ରମ୍ପଟନ ଗ୍ରିଭସ୍ ଲିମିଟେଡ୍,* (୨୦୧୯) ୨୦ ଏସ ସି ସି ୧ ରେ ଅନୁସରଣ କରାଯାଇଥିଲା । ବଚିତ୍ତର ସିଂହରେ, ଏହା ନିମ୍ନମତେ ଅନୁଷ୍ଠିତ ହୋଇଛି:

> "୮. ବର୍ତ୍ତମାନ ଆମକୁ ଯାହା ବିଚାର କରିବାକୁ ପଡିବ ତାହା ହେଉଛି ନଥି ଉପରେ ପେପସୁର ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଅଭିଲିଖିତ କରାଯାଇଥିବା ଟିପ୍ପଣୀର ପ୍ରଭାବ । ଏହି ମାମଲାର ଉଦ୍ଦେଶ୍ୟ ପାଇଁ ଏହା ଏକ ଆଦେଶ ବୋଲି ଆମେ ଅନୁମାନ କରିବୁ । ତଥାପି, ପ୍ରଶ୍ନ ଉଠୁଛି ଯେ ଏହାକୁ ରାଜ୍ୟ ସରକାରଙ୍କ ଆଦେଶ ଭାବରେ ବିବେଚନା କରାଯାଇପାରିବ କି, ଯାହା ଆବେଦନକାରୀଙ୍କ ଦ୍ୱାରା ମଧ୍ୟ ସ୍ୱୀକାର କରାଯାଇଛି, ରାଜସ୍ୱ ସଚିବଙ୍କ ଆଦେଶରୁ ଏକ ଆବେଦନ ଶୁଣିବା ଏବଂ

ନିଷ୍ପତ୍ତି ନେବାକୁ ଯିଏ ଏକମାତ୍ର କ୍ଷମତାପନ୍ନ ଥିଲେ । ସମ୍ବିଧାନର ଅନୁଚ୍ଛେଦ ୧୬୬ (୧) ଅନୁଯାୟୀ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟ ନିର୍ବାହୀ କାର୍ଯ୍ୟ ରାଜ୍ୟପାଳଙ୍କ ନାମରେ ପ୍ରକାଶ ପାଇବ । ଅନୁଚ୍ଛେଦ ୧୬୬ ର ଖଣ୍ଡ (୨) ରାଜ୍ୟପାଳଙ୍କ ନାମରେ କରାଯାଇଥିବା ଏବଂ କାର୍ଯ୍ୟକାରୀ ନିଷ୍ପାଦିତ ଆଦେଶ ଏବଂ ଅନ୍ୟାନ୍ୟ ଉପକରଣର ପ୍ରମାଣୀକରଣ ପାଇଁ ବ୍ୟବସ୍ଥା ପ୍ରଦାନ କରେ । ସେହି ଅନୁଚ୍ଛେଦର ଖଣ୍ଡ (୩) ରାଜ୍ୟପାଳଙ୍କୁ ସରକାରଙ୍କ କାର୍ଯ୍ୟର ଅଧିକ ସୁବିଧାଜନକ ଦେଣନେଣ କାରବାର ଏବଂ ଉକ୍ତ କାର୍ଯ୍ୟର ମନ୍ତ୍ରୀଙ୍କ ମଧ୍ୟରେ ଆବଣ୍ଟନ ପାଇଁ ନିୟମ ପ୍ରସ୍ତୁତ କରିବାକୁ ସମର୍ଥ କରିଥାଏ । ଆବେଦନକାରୀ ଯାହାକୁ ରାଜ୍ୟ ସରକାରଙ୍କ ଆଦେଶ ବୋଲି କହିଛନ୍ତି, ତାହା ରାଜ୍ୟପାଳଙ୍କ ନାମରେ ଥିବା ସ୍ୱୀକାରଯୋଗ୍ୟ ନୁହେଁ । କିନ୍ତୁ ସେହି ପ୍ରସଙ୍ଗ ଉପରେ ଆମେ ପରେ ଆଲୋଚନା କରିବୁ । ଆମକୁ ପ୍ରଥମେ ଯାହା ନିଶ୍ଚିତ କରିବାକୁ ପଡିବ ତାହା ହେଉଛି ରାଜସ୍ୱ ମନ୍ତ୍ରୀଙ୍କର ଆଦେଶ ରାଜ୍ୟ ସରକାରଙ୍କ ଏକ ଆଦେଶ କି, ଯଥା, ରାଜ୍ୟପାଳଙ୍କର । ଏହି ପରିପ୍ରେକ୍ଷୀରେ ଆମ୍ଭେ ପେପସୁ ସରକାରଙ୍କ ବ୍ୟବସାୟ ନିୟମର ନିୟମ ୨୫କୁ ଉଲ୍ଲେଖ କରିପାରିବୁ ଯେଉଁଥିରେ କୁହାଯାଇଛି:

"ଅନ୍ୟ କୌଣସି ନିୟମରେ ପ୍ରଦାନ କରାଯାଇଥିବା ବ୍ୟତୀତ ନିୟମ ଅନୁଯାୟୀ, ମାମଲାଗୁଡ଼ିକର ସମାପ୍ତି ସାଧାରଣତଃ ଦାୟିତ୍ୱରେ ଥିବା ମନ୍ତ୍ରୀଙ୍କ ଦ୍ୱାରା କିମ୍ବା ତାଙ୍କ ଅଧୀନରେ କରାଯିବ, ଯିଏ ସ୍ଥାୟୀ ଆଦେଶ ମାଧ୍ୟମରେ ବିଭାଗର ମାମଲାଗୁଡ଼ିକର ସମାଧାନ ପାଇଁ ଉପଯୁକ୍ତ ବୋଲି ବିବେଚନା କରୁଥିବା ନିର୍ଦ୍ଦେଶ ଦେଇପାରିବେ । ଏପରି ସ୍ଥାୟୀ ଆଦେଶର ନକଲ ରାଜପ୍ରମୁଖଙ୍କୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପଠାଯିବ ।"

ଆବେଦନକାରୀଙ୍କ ଶ୍ରୀମାନ ଓକିଲଙ୍କ ଅନୁଯାୟୀ ତାଙ୍କ ଆବେଦନ ରାଜସ୍ୱ ମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ବିଭାଗ ସହିତ ଜଡିତ ଏବଂ ତେଣୁ ସେ ଏହାକୁ ହାତକୁ ନେଇପାରିବେ । ତାଙ୍କ ନିର୍ଣ୍ଣୟ ଏବଂ ଆଦେଶ, ତାଙ୍କ ଅନୁସାରେ, ରାଜ୍ୟ ସରକାରଙ୍କ ନିର୍ଣ୍ଣୟ ଏବଂ ଆଦେଶ ହେବ । ତେବେ ରାଜ୍ୟ

ତରଫରୁ ନିୟମ ୩୪ ଉପରେ ଭରସା ରଖାଯାଇଥିଲା, ଯେଉଁଥିରେ ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ରାଜପ୍ରମୁଖ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କେତେକ ନିର୍ଦ୍ଦିଷ୍ଟ ବର୍ଗର ମାମଲା ଦାଖଲ କରିବାର ଆବଶ୍ୟକତା ରହିଥିଲା । କିନ୍ତୁ ତର୍କ ସମୟରେ ଏହା ସ୍ୱୀକାର କରାଯାଇଥିଲା ଯେ ଆମ୍ଭ ସମ୍ମୁଖରେ ଆସିଥିବା ଏପରି ଏକ ମାମଲା ସେହି ନିୟମ ମଧ୍ୟରେ ପଡ଼େ ନାହିଁ । ଏହି ପ୍ରସଙ୍ଗରେ ଅନ୍ୟ କୌଣସି ବ୍ୟବସ୍ଥା ଆମ ଦୃଷ୍ଟିକୁ ଅଣାଯାଇ ନାହିଁ, ତେଣୁ ଆମ୍ଭେ ବିଚାର କରିବୁ ଯେ ରାଜସ୍ୱ ମନ୍ତ୍ରୀ ରାଜ୍ୟ ସରକାରଙ୍କ ତରଫରୁ ଏକ ଆଦେଶ ପ୍ରଦାନ କରିପାରିବେ ।

୯. ତେଣୁ ପ୍ରଶ୍ନ ହେଉଛି ଯେ ପ୍ରକୃତରେ ଏପରି ଏକ ଆଦେଶ ସେ ଦେଇଥିଲେ କି? କେବଳ ନଥିରେ କିଛି ଲେଖିବା ଏକ ଆଦେଶ ନୁହେଁ । ରାଜ୍ୟ ସରକାରଙ୍କ ଆଦେଶର ଅର୍ଥ କିଛି ହେବା ପୂର୍ବରୁ ଦୁଇଟି ଜିନିଷ ଆବଶ୍ୟକ । ଅନୁଚ୍ଛେଦ ୧୬୬ ର ଖଣ୍ଡ (୧) ଦ୍ୱାରା ଆବଶ୍ୟକ ଅନୁଯାୟୀ ରାଜ୍ୟପାଳଙ୍କ ନାମରେ ଆଦେଶ ବ୍ୟକ୍ତ କରିବାକୁ ପଡିବ ଏବଂ ତା'ପରେ ଏହାକୁ ଜଣେଇବାକୁ ପଡିବ । ଯେପରି ପୂର୍ବରୁ ସୂଚିତ ହୋଇଛି, ରାଜସ୍ୱ ସଚିବଙ୍କ ନିର୍ଣ୍ଣୟ ସଂଶୋଧନ କରି କୌଣସି ଆନୁଷ୍ଠାନିକ ଆଦେଶ କେବେ କରା ଯାଇନଥିଲା । ଏପରି ଏକ ଆଦେଶ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ରାଜ୍ୟ ସରକାର, ଆମ୍ଭ ମତରେ, ନଥିରେ ଯାହା କୁହାଯାଇଛି ତାହା ଦ୍ୱାରା ଆବଦ୍ଧ ବୋଲି କୁହାଯାଇପାରିବ ନାହିଁ । ଯେ ପର୍ଯ୍ୟନ୍ତ ଏହି ମାମଲା ତାଙ୍କ ପାଖରେ ରହିଥିଲା, ରାଜସ୍ୱ ମନ୍ତ୍ରୀ ନଥିରେ ତାଙ୍କର ମନ୍ତବ୍ୟ କିମ୍ବା କାର୍ଯ୍ୟ ବିବରଣୀକୁ ଭଲ ଭାବରେ କାଟି ଦେଇପାରିବେ ଏବଂ ନୂତନ ଲେଖିପାରିବେ ।

x x x

୧୧. ତେଣୁ ଆମ୍ଭର ମତ ହେଉଛି ଯେ ପେପସୁ ରାଜସ୍ୱ ମନ୍ତ୍ରଣାଳୟର ମନ୍ତବ୍ୟ କିମ୍ବା ଆଦେଶ ଆବେଦନକାରୀଙ୍କୁ କୌଣସି ଲାଭ ଦେବ ନାହିଁ ।"

**୧୫.** *ମ୍ୟୁନିସିପାଲିଟି ସମିତି ବନାମ ଜୟ ନାରାୟଣ ଏବଂ କମ୍ପାନୀ, ୨୦୨୨ ଏସ ସି ସି ଅନଲାଇନ୍ ଏସ ସି ୩୭୬* ମାମଲାରେ ଏହି ନ୍ୟାୟାଳୟ ରାୟ ଦେଇଛନ୍ତି ଯେ ନଥିରେ ଅଭିଲିଖିତ ହୋଇଥିବା ଏକ ଟିପ୍ପଣୀ ଲିଖନ କେବଳ ଏକ ଟିପ୍ପଣୀ ଲିଖନ ସରଳୀକରଣ ଅଟେ ଏବଂ ଆଉ କିଛି ନୁହେଁ । ଏହା କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଏକ ମତାମତର ଅଭିବ୍ୟକ୍ତିର ପ୍ରତିନିଧିତ୍ୱ କରେ । ଏହା ନିମ୍ନମତେ ବିଚାର ହୋଇଥିଲା:

> "୧୬. ଏହି ନ୍ୟାୟାଳୟ *ଉତ୍ତରାଞ୍ଚଳ ରାଜ୍ୟ ବନାମ ସୁନୀଲ କୁମାର ବୈଶ୍*, (୨୦୧୧) ୮ ଏସ ସି ସି ୬୭୦ ଭାବରେ ବିବୃତ ହୋଇଥିବା ଏକ ରାୟରେ କହିଛନ୍ତି ଯେ ନଥିରେ ଅଭିଲିଖିତ ହୋଇଥିବା ଏକ ଟିପ୍ପଣୀ ଲିଖନ ସାଧାରଣତଃ କେବଳ ଏକ ଟିପ୍ପଣୀ ଲିଖନ ଏବଂ ଏହାଠାରୁ ଅଧିକ କିଛି ନୁହେଁ । ଏହା କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମତାମତ ଅଭିବ୍ୟକ୍ତିର ପ୍ରତିନିଧିତ୍ୱ କରେ । କୌଣସି କଳ୍ପନା ଦ୍ୱାରା, ଏପରି ଟିପ୍ପଣୀ ଲିଖନକୁ ସରକାରଙ୍କ ନିର୍ଣ୍ଣୟ ଭାବରେ ବିବେଚନା କରାଯାଇପାରିବ ନାହିଁ । ଏହା ନିମ୍ନମତେ ନିର୍ଣ୍ଣିତ ହୋଇଥିଲା:
>
> "୨୪. ନଥିରେ ଅଭିଲିଖିତ ହୋଇଥିବା ଏକ ଟିପ୍ପଣୀ ହେଉଛି ସାଧାରଣତଃ କେବଳ ଏକ ଟିପ୍ପଣୀ ଲିଖନ ଏବଂ ଅଧିକ କିଛି ନୁହେଁ । ଏହା କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମତାମତ ଅଭିବ୍ୟକ୍ତିର ପ୍ରତିନିଧିତ୍ୱ କରେ । କୌଣସି କଳ୍ପନା ଦ୍ୱାରା, ଏପରି ଟିପ୍ପଣୀ ଲେଖନକୁ ସରକାରଙ୍କ ନିର୍ଣ୍ଣୟ ଭାବରେ ବିବେଚନା କରାଯାଇପାରିବ ନାହିଁ । ଯଦି କ୍ଷମତାପନ୍ନ କର୍ତ୍ତୃପକ୍ଷ ବିଚାରଧୀନ ବିଷୟର ଗୁଣବତ୍ତା ଉପରେ ନଥିରେ ନିଜର ମତାମତ ଲିପିବଦ୍ଧ କରନ୍ତି, ତେବେ ଏହାକୁ ସରକାରଙ୍କ ନିର୍ଣ୍ଣୟ ବୋଲି କୁହାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଏହା ଶୁଦ୍ଧ କରିନାହାଁନ୍ତି ଏବଂ ଅନୁଚ୍ଛେଦ ୭୭ (୧) ଏବଂ (୨) କିମ୍ବା ଅନୁଚ୍ଛେଦ ୧୬୬ (୧) ଏବଂ (୨) ଅନୁଯାୟୀ ଏକ ଆଦେଶ ଜାରି କରି କାର୍ଯ୍ୟ କରିନାହାଁନ୍ତି । ନଥିରେ

ଟିପ୍ପଣୀ ଲିଖନ କରିବା କିମ୍ବା ଏପରିକି ଏକ ନିର୍ଣ୍ଣୟ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପକ୍ଷମାନଙ୍କ ଅଧିକାରକୁ ପ୍ରଭାବିତ କରୁଥିବା ଏକ ଆଦେଶରେ ପରିଣତ ହୁଏ କେବଳ ଯେତେବେଳେ ଏହା ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ନାମରେ ଅନୁଚ୍ଛେଦ ୭୭(୨) କିମ୍ବା ଅନୁଚ୍ଛେଦ ୧୬୬(୨) ରେ ପ୍ରଦାନ କରାଯାଇଥିବା ଢଙ୍ଗରେ ପ୍ରମାଣିତ ହୋଇ ପ୍ରକାଶ କରାଯାଏ । ନଥିରେ ଲିପିବଦ୍ଧ ହୋଇଥିବା ଏକ ଟିପ୍ପଣୀ ଲିଖନ କିମ୍ବା ଏପରିକି ଏକ ନିର୍ଣ୍ଣୟ ସର୍ବଦା ସମୀକ୍ଷା / ଓଲଟା / ଅଗ୍ରାହ୍ୟ କିମ୍ବା ବାତିଲ ହୋଇପାରେ ଏବଂ ନ୍ୟାୟାଳୟ ନ୍ୟାୟିକ ସମୀକ୍ଷା କ୍ଷମତାର ପ୍ରୟୋଗ ପାଇଁ ପୂର୍ବ ସଂଜ୍ଞାନ କିମ୍ବା ନିର୍ଣ୍ଣୟ ଉପରେ ଧ୍ୟାନ ଦେଇପାରିବେ ନାହିଁ ।

(ଦେଖନ୍ତୁ: *ପଞ୍ଜାବ ରାଜ୍ୟ ବନାମ ସୋଧି ସୁଖଦେବ ସିଂହ,* ଏ ଆଇ ଆର ୧୯୬୧ ଏସ ସି ୪୯୩, *ବଚିତ୍ତର ସିଂହ ବନାମ ପଞ୍ଜାବ ରାଜ୍ୟ,* ଏ ଆଇ ଆର ୧୯୬୩ ଏସ ସି ୩୯୫, *ବିହାର ରାଜ୍ୟ ବନାମ କୃପାଲୁ ଶଙ୍କର,* (୧୯୮୭) ୩ ଏସ ସି ସି ୩୪, *ରାଜସ୍ଥାନ ହାଉସିଂ ବୋର୍ଡ ବନାମ ଶ୍ରୀ କିଶନ,* (୧୯୯୩) ୨ ଏସ ସି ସି ୮୪, *ସେଠୀ ଅଟୋ ସର୍ଭିସ୍ ଷ୍ଟେସନ ବନାମ ଡି ଡି ଏ,* (୨୦୦୯) ୧ ଏସ ସି ସି ୧୮୦ ଏବଂ *ଶାନ୍ତି ସ୍ପୋର୍ଟସ୍ କ୍ଲବ ବନାମ ଭାରତ ସଂଘ* (୨୦୦୯) ୧୫ ଏସ ସି ସି ୭୦୫) ।"

୧୭. ତେଣୁ, ଡେପୁଟି କମିଶନରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଅନୁମୋଦନ ଲୋଡ଼ିଥିବା ଚିଠି ତାଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅନୁମୋଦନ ନୁହେଁ, ଯାହାକୁ ଆଇନ ଅଦାଲତରେ ବାଦୀଙ୍କ ଦ୍ୱାରା ଲାଗୁ କରାଯାଇପାରିବ ।"

**୧୬.** ଜମି ଆବଣ୍ଟନ ପାଇଁ ୧୯.୦୩.୧୯୭୧ ରେ ଉଦୟପୁର ଜିଲ୍ଲାପାଳଙ୍କୁ ସୈନିକ କଲ୍ୟାଣ ବିଭାଗର ସଚିବଙ୍କ ଦ୍ୱାରା ଲିଖିତ ଚିଠି ରିଟ୍ ଆବେଦନକାରୀ ଦାବି କରିବାର ଆଧାର ଅଟେ । ଏହି ନିୟମରେ କୁହାଯାଇଛି ଯେ ଯଦି ୬ ମାସ

ମଧ୍ୟରେ ଦଖଲ ନ ନିଆଯାଏ, ତେବେ ଆବଣ୍ଟନ ବାତିଲ ହୋଇଥିବା ବିଚାର କରାଯିବ । ପ୍ରଥମତଃ, ୧୯.୦୩.୧୯୭୧ ତାରିଖର ଆନ୍ତଃ ବିଭାଗୀୟ ଯୋଗାଯୋଗକୁ ଆବଣ୍ଟନ ପତ୍ର ଭାବେ ବିବେଚନା କରାଯାଇପାରିବ ନାହିଁ । ବିକଳ୍ପ ଭାବେ, ଯଦିଓ ଏହାକୁ ଆବଣ୍ଟନ ପତ୍ର ବୋଲି ବିବେଚନା କରାଯାଏ, ଦିବ୍ୟାଙ୍ଗ ପୂର୍ବତନ ସୈନିକମାନଙ୍କୁ ଜମି ଆବଣ୍ଟନ ପାଇଁ ଉପଯୁକ୍ତ ହୋଇଥିବା ନିୟମ ଅନୁଯାୟୀ ୩୦ ବର୍ଷରୁ ଅଧିକ ସମୟ ପରେ ଏପରି ଯୋଗାଯୋଗ ଆଧାରରେ ରିଟ୍ ଆବେଦନକାରୀ ଦଖଲ ଦାବି କରିପାରିବେ ନାହିଁ ।

(ଗୁରୁତ୍ୱ ପ୍ରଦାନ କରାଗଲା)

୫୨. ଏହି ନ୍ୟାୟାଳୟ ଦ୍ୱାରା **ମ୍ୟୁନିସିପାଲିଟି କମିଟି, ବରୱାଲା, ଜିଲ୍ଲା ହିସାର, ହରିୟାଣା,ଏହାର ସଚିବ / ସଭାପତି ମାଧ୍ୟମରେ ବନାମ ଜୟ ନାରାୟଣ ଆଣ୍ଡ କମ୍ପାନୀ ଏବଂ ଅନ୍ୟ, ୨୦୨୨ ଏସ ସି ସି ଅନଲାଇନ୍ ଏସ ସି ୩୭୬** ମାମଲାରେ, ଦିଆଯାଇଥିବା ଅନ୍ୟ ଏକ ରାୟକୁ ଉଲ୍ଲେଖ କରାଯାଇପାରିବ ଯେଉଁଥିରେ ମାନ୍ୟବର ନ୍ୟାୟାଳୟ ସମପ୍ରକାର ମତ ଗ୍ରହଣ କରିଥିଲେ ।

୫୩. ବସ୍ତୁତଃ, ସାମ୍ପ୍ରତିକ ମାମଲାରେ ସରକାରଙ୍କ ଦ୍ୱାରା କୌଣସି ଆଦେଶ ପାରିତ ହୋଇନାହିଁ ଏବଂ କୌଣସି ଜମି ଆବଣ୍ଟନ ପାଇଁ ଉତ୍ତରଦାତାମାନଙ୍କୁ ଅବଗତ କରାଯାଇଛି, ତେଣୁ କେବଳ ସରକାରୀ ଟିପ୍ପଣୀ ଉପରେ ନିର୍ଭର କରି ସେମାନଙ୍କୁ କୌଣସି ଉପଶମ ଗ୍ରହଣୀୟ ନଥିଲା ।

## ଉପସଂହାର

୫୪. ତଥ୍ୟଗତ ପରିସ୍ଥିତି ତଥା ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ବିଚାରକୁ ନେଇ, ପାରା ସଂଖ୍ୟା . ୨୨ ରେ ପ୍ରସ୍ତୁତ ହୋଇଥିବା ତିନିଗୋଟି ବିବାଦର ଉତ୍ତର ନିମ୍ନରେ ଦିଆଗଲା:

(i) ଅଧିକାର - ଅଭିଲେଖର ଚୂଡ଼ାନ୍ତ ପ୍ରକାଶନ ବିରୁଦ୍ଧରେ ସେମାନଙ୍କର ଉପଯୁକ୍ତ ପ୍ରତିକାରର ଲାଭ ଉଠାଇବା ପାଇଁ ଉତ୍ତରଦାତାମାନଙ୍କ ତରଫରୁ ଏକ ଅତିଶୟ ବିଳମ୍ବ ହୋଇଛି । ତେଣୁ, ଉତ୍ତରଦାତାମାନେ କୌଣସି ଉପଶମ ପାଇବାକୁ ହକଦାର ନୁହଁନ୍ତି ।

(ii) ଗଠନମୂଳକ ପ୍ରତିରୋଧ ନ୍ୟାୟିକ ନୀତିର ପ୍ରୟୋଗପୂର୍ବକ, ଦେୱାନୀ ମକଦ୍ଦମା ପ୍ରତ୍ୟାହାର ପରେ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ପରିଚାଳନାଯୋଗ୍ୟ ନଥିଲା କାରଣ ଏଥିନିମନ୍ତେ କୌଣସି ସ୍ୱାଧୀନତା ପ୍ରଦାନ କରାଯାଇନଥିଲା । ଯଦି ତଥାପି ରିଟ୍ ଆବେଦନ ଦାଖଲ କରିବା ଯଥାର୍ଥ ହେବାକୁ ଥିଲା, ତେବେ ଅତି କମରେ ଏହି ଉଦ୍ଦେଶ୍ୟ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବା ଆବଶ୍ୟକ ଥିଲା, ଯାହା ଅଦୃଷ୍ଟ ଥିଲା । ରିଟ୍ ଆବେଦନରେ ସମାନ ଉପଶମ ପାଇଁ ପୂର୍ବରୁ ଦେୱାନୀ ମକଦ୍ଦମା ଦାୟର କରାଯାଇଥିବା ଏବଂ ଏହାର ପ୍ରତ୍ୟାହାର ବିଷୟରେ କୌଣସି ଉଲ୍ଲେଖ ନଥିଲା । ଅଦାଲତଠାରୁ ସାରବାନ୍ ତଥ୍ୟ ଲୁଚାଇ ରଖିବା କିମ୍ବା ଏହାକୁ ଭୁଲ୍ ତଥ୍ୟ ଦେବା ହେତୁ ଦୋଷୀ ସାବ୍ୟସ୍ତ ହେଲେ ଜଣେ ମକଦ୍ଦମାକାରୀ ମକଦ୍ଦମା କରିବାକୁ ଅନୁପଯୁକ୍ତ ହୋଇପାରନ୍ତି । ତେଣୁ, ଉତ୍ତରଦାତାମାନେ କୌଣସି ଉପଶମ ପାଇବାକୁ ହକଦାର ନୁହଁନ୍ତି ।

(iii) ସରକାରଙ୍କ ଦ୍ୱାରା କୌଣସି ଆଦେଶ ପାରିତ ହୋଇନଥିଲା ଏବଂ ସେମାନଙ୍କ ସପକ୍ଷରେ କୌଣସି ଜମି ଆବଣ୍ଟନ ପାଇଁ ଉତ୍ତରଦାତାମାନଙ୍କୁ ଅବଗତ କରାଯାଇଥିଲା । ତେଣୁ, କେବଳ ସରକାରୀ ଟିପ୍ପଣୀ – ଲିଖନ ଆଧାରରେ ଉତ୍ତରଦାତାମାନେ କୌଣସି ଉପଶମ ପାଇବାକୁ ହକଦାର ନୁହଁନ୍ତି ।

**ଉପଶମ**

୫୫. ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମେ ଆବେଦନରେ ଯୋଗ୍ୟତା ପାଇଥାଉ । ଏହାକୁ ମଧ୍ୟ ଅନୁମତି ଦିଆଯାଇଛି । ରିଟ୍ ଆବେଦନ ସଂଖ୍ୟା ୧୦୮/୨୦୦୯ ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଖାରଜ କରାଯାଇଛି । ଫଳସ୍ୱରୂପ ଉତ୍ତରଦାତାମାନଙ୍କ

ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରିଦିଆଯାଏ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

________, ନ୍ୟାୟମୂର୍ତ୍ତି
(ଅଭୟ ଏସ୍. ଓକା)

ନୂଆ ଦିଲ୍ଲୀ
ଜୁଲାଇ ୧୨,୨୦୨୩

________, ନ୍ୟାୟମୂର୍ତ୍ତି
(ରାଜେଶ ବିନ୍ଦଲ)

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**